ଧରିତ୍ରୀ
DHARITRI
March 17-23 , 2019 ₹ 2/-

ଛୁଟିଦିନ








# ପରଦେଶେ ହୋଲି

ପ୍ରଚ୍ଛଦ ପ୍ରସଙ୍ଗ

୩

ହୋଲି ଆସେ, ରଙ୍ଗ
ଉଡ଼େ। ଦେହ ଭିଜେ, ମନ ବି ଭିଜେ।
ରହେନା ବାଦ ବିବାଦ କି କୌଣସି
ଭେଦଭାବ। ସମସ୍ତେ ହୁଅନ୍ତି ଏକାକାର।
ସେଇଥିପାଇଁ ତ ଗୋଟିଏ ସୂତ୍ରରେ
ବାନ୍ଧୁଥିବା ଭାରତର
ଏହି ଉତ୍ସବ ଆକୃଷ୍ଟ କରିଛି ସାରା
ପୃଥିବୀବାସୀଙ୍କୁ। ଆଉ ପୃଥିବୀର ବିଭିନ୍ନ
ସ୍ଥାନରେ ପାଳନ ହେଉଛି
ହୋଲି ପରି କିଛି ରଙ୍ଗର ଉତ୍ସବ...



୧୩ ସହରଠୁ ଦୂର

୮/୯

ସିନେମା



# ବିନା ରଙ୍ଗରେ ହୋଲି

ରଙ୍ଗର ପର୍ବ ହେଉଛି ହୋଲି। ଏହି ଦିନ ଲୋକେ ପରସ୍ପରକୁ ରଙ୍ଗବେରଙ୍ଗର ଫଗୁ ବା ଅବିର ଲଗାଇ ଉତ୍ସବ ପାଳନ କରିଥାନ୍ତି। ତେବେ ହୋଲି ରଙ୍ଗରେ ରାସାୟନିକ ପଦାର୍ଥର ପ୍ରୟୋଗ ହେତୁ ଫଗୁ ଖେଳିବା ଦ୍ୱାରା



ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଫଳରେ ସେହି ବ୍ୟକ୍ତିମାନେ ଏହି ପର୍ବର ମଜା ନେଇପାରନ୍ତି ନାହିଁ। ତେବେ ଆପଣ ବିନା ରଙ୍ଗରେ ମଧ୍ୟ ଏହି ରଙ୍ଗର ପର୍ବକୁ ବେଶ୍ ମନଭରି ଉପଭୋଗ କରିପାରିବେ। ବିନା ରଙ୍ଗରେ କିଭଳି ଭାବରେ ହୋଲି ଉତ୍ସବ ପାଳନ କରିବେ ଜାଣନ୍ତୁ ସେ ସମ୍ପର୍କରେ.....

* ଘରେ ଆପଣ ପ୍ରାକୃତିକ ଉପାଦାନ ଯଥା ଗୋଲାପ ଫୁଲ ପାଖୁଡ଼ା, ହଳଦୀ, ଚନ୍ଦନ, ଗେଣ୍ଡୁ ଫୁଲ, ପୋଦିନା ପତ୍ର ଆଦିକୁ ବାଟି ପେଷ୍ଟ ପ୍ରସ୍ତୁତ କରିପାରିବେ। ଏହାକୁ ବ୍ୟବହାର କରି ଆପଣ ପରିବାର ସଦସ୍ୟଙ୍କ ସହ ହୋଲିର ମଜା ନେଇପାରିବେ।
* ଖାସ୍ ହୋଲି ପାଇଁ ସ୍ୱତନ୍ତ୍ର ଡ୍ରେସ୍ କୋଡ ଚୟନ କରିପାରନ୍ତି। ପରିବାରର ସମସ୍ତ ସଦସ୍ୟ ହୋଲି କୋଟେସନ ଲେଖାଥିବା ଟି-ଶାର୍ଟ ବା ଧଳା ରଙ୍ଗର କୁର୍ତ୍ତା, ସାଲୱାର, ଶେରୱାନୀ ଆଦି ପିନ୍ଧିପାରିବେ।
* ଘରକୁ ବିଭିନ୍ନ ଆକର୍ଷଣୀୟ ରଙ୍ଗିନ ଡେକୋରେଟିଭ ଜିନିଷରେ ସଜେଇପାରନ୍ତି। ଏହାବ୍ୟତୀତ ଏହି ଅକେଜନ୍‌ରେ କଲରଫୁଲ ରଙ୍ଗୋଲି ମଧ୍ୟ ଘରକୁ ଦେବ ଏକ ଫେଷ୍ଟିଭ୍ ଲୁକ୍।
* ଏହି ଅବସରରେ ସୁସ୍ୱାଦୁ ତଥା ରଙ୍ଗିନ ଖାଦ୍ୟପଦାର୍ଥ ପ୍ରସ୍ତୁତ କରି ଘରକୁ ଆସୁଥିବା ଅତିଥିମାନଙ୍କୁ ପରଷିପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୭-୨୩

**ମେଷ**
ସ୍ୱାସ୍ଥ୍ୟ ଭଲ ରହିବ। ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ। ବକେୟା ଟଙ୍କା ପାଇବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବଢ଼ିବ। ପାରିବାରିକ ସୌହାର୍ଦ୍ଦ୍ୟ ବୃଦ୍ଧି। ଶୁଭକାର୍ଯ୍ୟ ସମ୍ପନ୍ନ ହେବ। ରାଜନୈତିକ ସ୍ଥିତି ଭଲ। ବିଦେଶଯାତ୍ରା କରିବେ।

**ବୃଷ**
ଶାରୀରିକ ସୁସ୍ଥତା ରହିବ। ଧାର କରଜ କରିପାରନ୍ତି। କଳା ସାହିତ୍ୟରୁ ପ୍ରଶଂସା। ପରିସ୍ଥିତିର ମୁକାବିଲା କରିବେ। ବନ୍ଧୁ ପ୍ରସ୍ତାବ ସ୍ୱୀକୃତ ହେବ। ଲୋକସମ୍ପର୍କ ବୃଦ୍ଧି। କର୍ମରେ ଶିଥିଳତା। ଧର୍ମକାର୍ଯ୍ୟରେ ମନଦେବେ।

**ମିଥୁନ**
କର୍ମକ୍ଷେତ୍ରରେ ବିଶୃଙ୍ଖଳା। ଭ୍ରମଣ ଯୋଗୁ କ୍ଳାନ୍ତି। ସନ୍ତାନ ହେତୁକ ଦ୍ୱନ୍ଦ୍ୱ। ଭ୍ରମଣ ସୁଯୋଗ ଲାଭ। ସଙ୍ଗଦୋଷରୁ ସମାଲୋଚନା। ବାଣିଜ୍ୟରେ ଉନ୍ନତି। ବନ୍ଧୁଙ୍କ ଆଚରଣରେ ସନ୍ଦେହ। ବିବାଦ ଜଟିଳ ହେବ। ମୂଲ୍ୟବାନ ଦ୍ରବ୍ୟଲାଭ।

**କର୍କଟ**
ମାନସିକ ଶାନ୍ତି ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଅର୍ଥ ସଙ୍କଟ ଦେଖାଦେବ। ଭ୍ରମଣକାଳରେ କ୍ଲେଶ। ଭ୍ରାତୃ ସମ୍ପର୍କରେ ଉନ୍ନତି। ମିଥ୍ୟା ଗୁଜବରୁ ମନସ୍ତାପ। ମାଲିମକଦ୍ଦମାରେ ବିଜୟ।

**ସିଂହ**
କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ମନୋରଞ୍ଜନରେ ଆଗ୍ରହ। ସ୍ତ୍ରୀଙ୍କ ପ୍ରେରଣାରୁ କାର୍ଯ୍ୟସିଦ୍ଧି। ପଡୋଶୀଙ୍କ ଅସହଯୋଗ। ସମ୍ପର୍କହାନି ଘଟିବ। କ୍ରନିକ୍ ରୋଗରେ ପୀଡା। ମିଥ୍ୟାଗୁଜବରୁ ଅଶାନ୍ତି।

**କନ୍ୟା**
ନୂତନ ବନ୍ଧୁ ସମ୍ପର୍କ। କାରବାରରେ ଉନ୍ନତି। ମାଙ୍ଗଳିକ କାମରେ ସମସ୍ୟା। ମାନସିକ ଆବେଗ ବୃଦ୍ଧି। ଆର୍ଥିକ ସମସ୍ୟାରୁ ବ୍ୟସ୍ତତା। ରୋଗ ପୀଡାରୁ କଷ୍ଟ। ସାମାଜିକ ସମ୍ମାନ। ପଦମର୍ଯ୍ୟାଦା ବୃଦ୍ଧି। ଦୈହିକ ଦୁର୍ବଳତା। ସଙ୍ଗୀତ ସାଧନାରୁ ସମ୍ମାନ।

**ତୁଳା**
ବନ୍ଧୁମିଳନ ଘଟିବ। ଭ୍ରମଣ ସୁଯୋଗ ପାଇବେ। କାର୍ଯ୍ୟହାସଲରେ ବାଧା। କ୍ଳାନ୍ତିବୋଧ କରିବେ। ଶିକ୍ଷାରେ ସଫଳତା। ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ। ବ୍ୟୟ ବରାଦ କରିପାରନ୍ତି। ଧାର ସୂତ୍ରରେ ଅର୍ଥଲାଭ। ଯାନବାହନରେ ତ୍ରୁଟି।

**ବିଛା**
ସମ୍ମାନିତ ହେବେ। କାର୍ଯ୍ୟ ସ୍ଥଗିତ। ନିଃସଙ୍ଗତାବୋଧ କରିବେ। ଗୃହୋପକରଣ କ୍ରୟ। ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ। ପରିବାରରୁ ସହଯୋଗ। ଜମିଜମା ସମସ୍ୟା। ଆନୁଷ୍ଠାନିକ କାମରୁ ପ୍ରଶଂସା। ମିତ୍ରବନ୍ଧୁଙ୍କ ସହାୟତା।

**ଧନୁ**
ସମସ୍ୟା ସମାଧାନ ହେବ। ଅର୍ଥନୈତିକ ଅଭିବୃଦ୍ଧି। ପଡୋଶୀଙ୍କ ପ୍ରତାରଣା। ସଭାସମିତିରେ ସଫଳତା। ରାଜନୀତିରେ ସମର୍ଥନ ଲାଭ। କଚେରି ମାମଲାର ଫଇସଲା।

**ମକର**
ଯୋଜନା ବିଗିଡିଯିବ। ଶୁଭକାର୍ଯ୍ୟ କରିବେ। ଯାନବାହନ କ୍ରୟ କରିବେ। ଯାତ୍ରାରୁ ସୁଫଳ ମିଳିବ। ଆତ୍ମୀୟଙ୍କ ପ୍ରତିବାଦ। ଶୁଭଖବର ପାଇବେ। ଆଶଙ୍କା ଅମୂଳକ ରହିପାରେ। ଦୂରଯାତ୍ରା କରିପାରନ୍ତି।

**କୁମ୍ଭ**
ମିତ୍ର ବନ୍ଧୁ ଜୁଟିବେ। ଅନୁକୂଳ ପରିବେଶ ସୃଷ୍ଟି। ତର୍କ ଓ ବିବାଦ ବଢ଼ିପାରେ। ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି। ଖୁସିଗପ କରିବାର ମଉକା। ସ୍ଥଗିତକାର୍ଯ୍ୟାରମ୍ଭ। ସତ୍‌ସଙ୍ଗର ସୁଯୋଗ ଲାଭ। ସାହିତ୍ୟ, ସଂସ୍କୃତିରେ ଅନୁରାଗ। ପ୍ରକାଶନରେ ସମସ୍ୟା।

**ମୀନ**
ନିର୍ମାଣ ପୂର୍ଣ୍ଣାଙ୍ଗ ହେବ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା। ପ୍ରତିକୂଳ ପରିସ୍ଥିତିର ଚାପ। ପାରିବାରିକ ବୁଝାମଣା ଠିକ୍ ରହିବ। ଯାତ୍ରାରେ ସଫଳତା। ପ୍ରାପ୍ୟଧନରେ ବାଧା। ପ୍ରତୀକ୍ଷିତ ଖବର ପାଇବେ। ବନ୍ଧୁଙ୍କ ଅନାଦର। ନୂତନ ସ୍ଥାନ ପରିଦର୍ଶନ।

# ସର୍ବବୃହତ୍ ୱାଟରଗନ୍

ଆଗକୁ ଆସୁଛି ହୋଲି। ହୋଲି ଆସିଲାମାତ୍ରେ ବଜାରରେ ରଙ୍ଗ ବେରଙ୍ଗର ଫଗୁର ପସରା ସହ ଭିଡ ଲାଗେ ବିଭିନ୍ନ ଡିଜାଇନର ପିଚକାରିର। ପିଲାମାନଙ୍କ ପ୍ରଥମ ପସନ୍ଦ ପାଲଟିଥିବା ୱାଟର ଗନ୍ ଏହି ସିଜନ୍‌ରେ ବେଶ୍ ଡିମାଣ୍ଡରେ ଥାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଆମେରିକାର କାଲିଫର୍ନିଆରେ କେତେଜଣ ବ୍ୟକ୍ତି ପୃଥିବୀର ସର୍ବବୃହତ୍ ୱାଟରଗନ୍ ପ୍ରସ୍ତୁତ କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ୨୦୧୭ ମସିହାରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇଥିବା 'ସୁପର ଶୋକର' ନାମକ ଏହି ୱାଟରଗନ୍‌ର ଉଚ୍ଚତା ୧.୨୨ ମିଟର ରହିଥିବା ବେଳେ ଏହାର ଲମ୍ବା ରହିଛି ୨.୨୨ ମିଟର। ମାର୍କ ରୋବର, କେନ୍ ଗ୍ଲେଜବ୍ରୁକ୍, ବବ୍



କ୍ଲାଗେଟ୍ ଏବଂ ଡେନି ୟୁଆନଙ୍କ ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ଏହି ୱାଟରଗନ୍‌ଟି ଘଣ୍ଟା ପ୍ରତି ୨୭୨ ମାଇଲ୍ ଗତିରେ ପାଣି ସ୍ପ୍ରେ କରିଥାଏ। ଏଥିରୁ ସ୍ପ୍ରେ ହେଉଥିବା ପାଣିର ଶକ୍ତି ଏତେ ଅଧିକ ଥାଏ ଯେ ଏହା କାଚ, ସୋଡା କ୍ୟାନ୍, ବଡ ତରଭୁଜ ଆଦି ଭାଙ୍ଗିବାର କ୍ଷମତା ରଖେ।

# ପାଠକୀୟ

❖ଯେତେବେଳେ ଦୋହଲି ଯାଇଛି ପରିବାରର ଆର୍ଥିକ ସ୍ଥିତି; ସେତେବେଳେ ଏମାନେ ସାମ୍ନାରେ ଛିଡା ହୋଇଛନ୍ତି। ଆଉ ନିଜ ପରିବାରର ସ୍ଥିତି ସୁଧାରିବା ସହିତ ତାଙ୍କପରି କିଛି ଆର୍ଥିକ ଦୁର୍ବଳ ପରିବାରର ସ୍ଥିତି ସୁଧାରିବାର ଦାୟିତ୍ୱ ବି ନେଇଛନ୍ତି। ସେଥିପାଇଁ ତ ସେମାନଙ୍କୁ କୁହାଯାଉଛି ସମର୍ଥା। ସେମିତି କେତେଜଣ ପ୍ରେରଣାଦାୟୀ ନାରୀଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦପ୍ରସଙ୍ଗ 'ନାରୀ ସେ ସମର୍ଥା' ପାଠଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'ପ୍ରଥମ ଥର ପାଇଁ' ଏବଂ 'ଅଣ୍ଡର ୱାଟର ଭିଲ୍ଲା' ପାଠଦ୍ୱୟଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*-ଜ୍ୟୋତ୍ସ୍ନାମୟୀ ମଲ୍ଲିକ, ଭବାନୀପାଟଣା*

❖ପ୍ରଚ୍ଛଦ ପ୍ରସଙ୍ଗ 'ନାରୀ ସେ ସମର୍ଥା'ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଏଥିରୁ ଅନେକ କିଛି ଶିଖିବାକୁ ମିଳିଲା। 'ଚୁଡ଼ି ଫ୍ୟାଶନ'ରୁ କିଛି ନୂଆ ନୂଆ ଡିଜାଇନ୍‌ର ଚୁଡ଼ି ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟକାର ଟେନ୍‌ସୀ ୱିଲିୟମ୍‌ସଙ୍କ ଜୀବନୀ ସମ୍ପର୍କରେ ବହୁତ ଅଜଣା କଥା ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ ପୁଲଓ୍ୱାମା ଶହୀଦଙ୍କ ଉପରେ ଆଧାରିତ 'ନିକିତା ତୁମକୁ ବହୁତ ଭଲପାଏ' ନାମକ କବିତାଟି ମୋ ମନକୁ ବେଶ୍ ଛୁଇଁଥିଲା।

*-ରାକେଶ ସ୍ୱାଇଁ, କାକଟପୁର, ପୁରୀ*

❖ସିନେମା ପାଠ ପଢିବାକୁ ମୋତେ ବହୁତ ଭଲ ଲାଗେ। ସେହିପରି ସାଥୀର ପ୍ରଶ୍ନୋତ୍ତର ବି ମୋ ମନ କିଣିନିଏ। ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଏନ୍‌ଆଇଏଫ୍‌ଡି ଡାଇରେକ୍ଟର ତଥା ସାମାଜିକ କର୍ମୀ ସନ୍ଧ୍ୟା ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ବିଶେଷ ପ୍ରସଙ୍ଗ 'ଆରଡିରେ ମହାଶିବରାତ୍ର' ପାଠଟି ମଧ ଖୁବ୍ ଭଲ ଥିଲା।

*-ନିମାଇଁ ଚରଣ ବରାଳ, ନୂଆପଡ଼ା*

❖'ମଡେଲ୍ ମିରର୍‌ରେ ପ୍ରିୟଙ୍କା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'କୋଟିଲିଙ୍ଗେଶ୍ୱର'ଙ୍କ ସମ୍ପର୍କରେ ଅନେକ ଅଜଣା ତଥ୍ୟ ଜାଣି ଖୁସି ଲାଗିଲା। 'ରୋଶନୀଙ୍କ କନ୍ୟାକୁମାରୀରୁ କଶ୍ମୀର ଯାତ୍ରା', 'ଶଙ୍ଖଦ୍ୱୀପ', 'ଭାବର ଆଦାନ ପ୍ରଦାନ କରିବେ ରୋବୋ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*-ତୃପ୍ତିମୟୀ ଦାଶ, ବେଲପାଳ, ରାଜନଗର*

❖ଯାତ୍ରା ପୃଷ୍ଠାଟି ବି ମନଛୁଆଁ ହୋଇପାରୁଛି। ହାଃ ହାଃ ଓ କାର୍ଟୁନ କର୍ନର ବେଶ୍ ମଜାଳିଆ ଲାଗୁଛି। ସେହିପରି ପ୍ରତିଥରର ରାଶିଫଳ ବି ମୋତେ ପଢିବାକୁ ବହୁତ ଭଲ ଲାଗେ। କାରଣ ମୋର ଏସବୁରେ ବହୁତ ବିଶ୍ୱାସ ରହିଛି।

*-ତନୁଜା ସେଠୀ, ଝୁମୁଝୁମା, ଭୁବନେଶ୍ୱର*

## ବିଶେଷ ଚିଠି



ପତ୍ରିକା ଭିତରେ ସାର
ଧରିତ୍ରୀର ଛୁଟିଦିନ
ସୁନ୍ଦର ଲେଖାରେ ରଙ୍ଗିନ ଛବିରେ
ମୋହିନିଏ ପ୍ରତି ମନ।
ଧରିତ୍ରୀ ସହିତ ଆସେ
ରବିବାର ଦିନ
ସୁଧୀ ପାଠିକାପାଠକଗଣ
ନିଶ୍ଚୟ ପଢିବେ ଜାଣ
ପଢିଲେ ଆତ୍ମଶାନ୍ତି ଲଭିବେ ଆପଣ।

*-ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com








# ପରଦେଶେ ହୋଲି

**ହୋଲି ଆସେ, ରଙ୍ଗ ଉଡ଼େ। ଦେହ ଭିଜେ, ମନ ବି ଭିଜେ। ରଙ୍ଗରେ ସଭିଏଁ ହଜିଯାଆନ୍ତି, ମଜି ଯାଆନ୍ତି। ରହେନା ବାଦ ବିବାଦ କି କୌଣସି ଭେଦଭାବ। ସମସ୍ତେ ହୁଅନ୍ତି ଏକାକାର। ସେଇଥିପାଇଁ ତ ଗୋଟିଏ ସୂତ୍ରରେ ବାନ୍ଧୁଥିବା ଭାରତର ଏହି ଉତ୍ସବ ଆକୃଷ୍ଟ କରିଛି ସାରା ପୃଥିବୀବାସୀଙ୍କୁ। ଆଉ ପୃଥିବୀର ବିଭିନ୍ନ ସ୍ଥାନରେ ପାଳନ ହେଉଛି ହୋଲି ପରି କିଛି ରଙ୍ଗର ଉତ୍ସବ...**

**ହୋଲି ୱାନ୍ କଲର୍ ଫେଷ୍ଟିଭାଲ–** ଭାରତୀୟ ରଙ୍ଗର ପର୍ବ ହୋଲିକୁ ଅନୁକରଣ କରି ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍‌ରେ ପାଳନ ହୁଏ ଏକ ରଙ୍ଗର ମହୋତ୍ସବ। ଯାହା 'ହୋଲି ୱାନ୍' ଭାବେ ପରିଚିତ। ହଜାର ହଜାର ସଂଖ୍ୟାରେ ଲୋକ ଏହି ପର୍ବରେ ଯୋଗ ଦିଅନ୍ତି। ଆଉ ସମସ୍ତେ ଭାରତୀୟ ଉତ୍ସବ ହୋଲିରେ ଯେଉଁଭଳି ଧଳା ପୋଷାକ ପିନ୍ଧାଯାଏ, ସେହିଭଳି ଧଳାରଙ୍ଗର ପୋଷାକ ପିନ୍ଧନ୍ତି। ଯେମିତିକି ପୋଷାକରେ ରଙ୍ଗର ଛିଟା ଭଲଭାବେ ବାରି ହୋଇପଡ଼ିବ। ସଙ୍ଗୀତର ତାଳେତାଳେ ରଙ୍ଗର ବର୍ଷା ହୁଏ। ଆଉ ସମସ୍ତେ ପରସ୍ପରକୁ ରଙ୍ଗ ଲଗାଇ ରଙ୍ଗିନ ହୋଇଥାଆନ୍ତି। ପୋଷାକ, କେଶଠୁ ଆରମ୍ଭ କରି ଶରୀରର ପ୍ରତ୍ୟେକ ସ୍ଥାନ ଗୋଲାପୀ, ହଳଦିଆ, ସବୁଜ, ନୀଳ ଓ କମଳା ରଙ୍ଗରେ ହୋଇଯାଏ ରଙ୍ଗିନ। ଏଠାରେ ବ୍ୟବହାର କରାଯାଉଥିବା ରଙ୍ଗ ସମ୍ପୂର୍ଣ୍ଣ ଇକୋ ଫ୍ରେଣ୍ଡ୍‌ଲି, ନନ୍ ଟକ୍ସିକ୍, ଆଲର୍ଜିରହିତ ଓ ୱାଟର ସଲ୍ୟୁବଲ୍ ହୋଇଥାଏ। ଏଠି ଯିଏ ଯାହାକୁ ଚାହିଁବେ, ରଙ୍ଗରେ ରଙ୍ଗେଇପାରିବେ। ଖାଇବା, ପିଇବାର ବି ବନ୍ଦୋବସ୍ତ ହୋଇଥାଏ। ଖୋଲା ଆକାଶ ତଳେ ଅବିରତ ରଙ୍ଗ ଖେଳ ଓ ନାଚ ଗୀତ ଚାଲେ। ଆକାଶ ବି ହୋଇଯାଏ ରଙ୍ଗିନ। ଗୋଟିଏ ସ୍ଥାନରେ ହଜାର ହଜାର ଲୋକଙ୍କ ସମାଗମରେ ରଙ୍ଗର ଏହି ଖେଳ ସମସ୍ତଙ୍କୁ ଏକାକାର କରିଦିଏ। ସହରର ମୁଖ୍ୟସ୍ଥଳରେ ପରେଡ୍ ବି ହୁଏ। ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲେ ରଙ୍ଗ, ନାଚ, ଗୀତର ଏହି ମସ୍ତିଭରା ଉତ୍ସବ। ତେବେ ଏହାର ମଜା ନେବା ପାଇଁ ଟିକେଟ୍ କରିବାକୁ ହୁଏ, ଯାହାର ମୂଲ୍ୟ ୩୭.୯୯ ପାଉଣ୍ଡ। ବର୍ତ୍ତମାନ ଏହି ଉତ୍ସବ ଲଣ୍ଡନ, ମାଞ୍ଚେଷ୍ଟରରେ ପାଳିତ ହେଉଛି।

**ଦି କଲର୍ ରନ୍–** ସୁଦୂର ଲଣ୍ଡନରେ ବି ପାଇପାରିବେ ହୋଲିର ସ୍ୱାଦ। କାରଣ ଏଠାରେ ପାଳନ ହୁଏ 'ଦି କଲର୍ ରନ୍' ନାମକ ଏକ ରଙ୍ଗର ଉତ୍ସବ। ତେବେ ଉତ୍ସବ ଟିକେ ଭିନ୍ନ। ଏଥିରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଏଠାକାର ସାହି ଗଳିରେ ୫ କି.ମି. ଦୌଡ଼ିବାକୁ ହୋଇଥାଏ। ଆଉ ଦୌଡ଼ିବା ସମୟରେ ସେମାନଙ୍କ ଉପରକୁ ପକାଯାଏ ରଙ୍ଗ। ପ୍ରତି କି.ମି. ଅତିକ୍ରମ କରିବା ସହ ସେମାନଙ୍କ ଶରୀର ଅଧିକରୁ ଅଧିକ ରଙ୍ଗିନ ହେବାକୁ ଲାଗେ। ଏହି ଦୌଡ଼ରେ ନ ଥାଏ ପ୍ରଥମ ହେବାର ଝୁଙ୍କ୍। ବରଂ ଗତି ଯେତେ ଶିଥିଳ ଏହା ସେତେ ଉପଭୋଗ୍ୟ ହୋଇଥାଏ। ସ୍ଥାନେସ୍ଥାନେ ସେମାନଙ୍କ ଉପରେ ରଙ୍ଗର ବର୍ଷା କରାଯାଏ। ରାସ୍ତାକଡ଼ରେ ଦୌଡ଼ିଲେ ରଙ୍ଗରେ ଭିଜିବାର ମଉକା ବେଶି ମିଳିଥାଏ। ଦୌଡ଼ି ଦୌଡ଼ି ସେମାନେ ଶେଷରେ କଲର୍ ଜୋନ୍‌ରେ ପହଞ୍ଚନ୍ତି। ଯେଉଁମାନେ ଦୌଡ଼ିବା ସମୟରେ ଦ୍ରୁତ ଗତିରେ ଦୌଡ଼ି ଭଲରେ ରଙ୍ଗ ହୋଇପାରି ନ ଥାଆନ୍ତି, ଏଠି ସେମାନେ ସମ୍ପୂର୍ଣ୍ଣ ରଙ୍ଗରେ ଭିଜିଯାଆନ୍ତି। ଭଲ୍ୟୁଣ୍ଟିୟରମାନେ ରଙ୍ଗ ଢାଳି ସେମାନଙ୍କୁ ସମ୍ପୂର୍ଣ୍ଣ ରଙ୍ଗିନ କରିଦିଅନ୍ତି। ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ବି ରଙ୍ଗ ଦିଆଯାଏ। ସେଠି ଯିଏ ଯାହାକୁ ଚାହିଁବେ, ରଙ୍ଗରେ ରଙ୍ଗେଇ ପାରିବେ। ଏହାପରେ ଏକ ଫୋମ୍ ଜୋନ୍ ବି ଆସେ। ଯେଉଁଠି ଆଣ୍ଠୁଏ ପର୍ଯ୍ୟନ୍ତ ଫେଣର ଆସ୍ତରଣ କେତେଶହ ମିଟର ପର୍ଯ୍ୟନ୍ତ ବ୍ୟାପିଥାଏ। ତାହା ମଧ୍ୟରେ ଯିବାର ମଜା ବି କିଛି ଅଲଗା। ଶେଷରେ ଆସେ ଫିନିଶ୍ ଲାଇନ୍, ଯେଉଁଥିରେ ଅଂଶଗ୍ରହଣକାରୀଙ୍କୁ ରଙ୍ଗର ପ୍ୟାକେଟ୍ ଦିଆଯାଇଥାଏ। ତା'ସହ ଡିଜେର ଦମ୍‌ଦାର ଧୁନ୍ ଚାଲେ। ସମସ୍ତେ ମତୁଆଲା ହୁଅନ୍ତି। ଆଉ ଯେବେଯେବେ ଡିଜେମାନେ ରଙ୍ଗ ବର୍ଷା କରିବାକୁ ନିର୍ଦ୍ଦେଶ ଦିଅନ୍ତି, ସମସ୍ତେ ଏକାସାଙ୍ଗରେ ଆକାଶକୁ ରଙ୍ଗ ନିକ୍ଷେପ କରନ୍ତି। ଫଳରେ ଆକାଶ ହୋଇଯାଏ ରଙ୍ଗିନ। ଖାଇବା ପିଇବାର ବ୍ୟବସ୍ଥା ବି ଏଥିରେ ହୋଇଥାଏ। ଖରାରେ ଦୌଡ଼ିକି ଆସିବା ପରେ ଏଠାରେ ଦିଆଯାଉଥିବା ଆଇସ୍ ଲୋଲି ସମସ୍ତଙ୍କୁ ବେଶ୍ ଭଲ ଲାଗିଥାଏ। ବର୍ତ୍ତମାନ ଏହି ଉତ୍ସବ ମାଞ୍ଚେଷ୍ଟର, ଲଣ୍ଡନ, ଗ୍ଲାସ୍‌ଗୋ ଓ ବର୍ମିଂହାମ୍‌ରେ ବି ପାଳନ ହେଉଛି।

**ଲାଇଫ୍ ଇନ୍ କଲର୍–** ୨୦୧୧, ଫ୍ଲୋରିଡ଼ାରେ ଏକ କଲେଜ୍ ଫେଷ୍ଟିଭାଲରୁ ଆରମ୍ଭ ହୋଇଥିଲା ଏହି ରଙ୍ଗର ମହୋତ୍ସବ। ପରେ ଏହା ପୃଥିବୀର ବିଭିନ୍ନ ଦେଶରେ ଏକ ବଡ଼ କଲର୍ ପାର୍ଟି ଭାବେ ପାଳିତ ହୋଇଆସୁଛି। 'ଲାଇଫ୍ ଇନ୍ କଲର୍' →









ହେଉଛି ଆମେରିକାର ଏକ ଇଡିଏମ୍ ଇଭେଣ୍ଟ କମ୍ପାନୀ, ଯେକି 'ପେଣ୍ଟ୍ ପାର୍ଟି' ଲାଇଫ୍ ଇନ୍ କଲର୍ କନସର୍ଟ କରାଇବା ପାଇଁ ପରିଚିତ। ଉକ୍ତ କମ୍ପାନୀର ପ୍ରତିଷ୍ଠାତା ହେଉଛନ୍ତି ସେବାଷ୍ଟିଆନ୍ ସୋଲାନୋ, ପଲ୍ କ୍ୟାମ୍ପବେଲ୍, ଲୁକାସ୍ ଟ୍ରାକ୍ଜ ଏବଂ ପ୍ୟାଟ୍ରିକ୍ ଟ୍ରାକ୍ଜ। ଏମାନଙ୍କ ମତରେ ଏହା ହେଉଛି ପୃଥିବୀର ସବୁଠୁ ବଡ଼ ପେଣ୍ଟ୍ ପାର୍ଟି। ଏମାନେ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଆନ୍ତି। ଆଉ ସେଠାରେ ଇଲେକ୍ଟ୍ରୋନିକ୍ ମ୍ୟୁଜିସିଆନ୍ ଓ ଆର୍ଟିଷ୍ଟମାନଙ୍କ ଦ୍ୱାରା ଜବରଦସ୍ତ ଗୀତନାଚର ଆସର ଜମାନ୍ତି। ତା'ସହ ମତୁଆଲା ଦର୍ଶକଙ୍କ ଉପରେ ରଙ୍ଗ ସ୍ପ୍ରେ କରାଯାଏ। ରଙ୍ଗରେ ଭିଜିଭିଜି ଡେଇଁ ନାଚି ସମସ୍ତେ ହଜି ଯାଆନ୍ତି ୟାରି ଭିତରେ। ବର୍ତ୍ତମାନ ଏହି ମହୋତ୍ସବ ଏବେ ମାଞ୍ଚେଷ୍ଟର, ୟୁକେ, କୋଷ୍ଟାରିକା, ଗ୍ୱାଟାମାଲା, ପ୍ରାଗ୍, ତୁର୍କୀ ଓ ଦୁବାଇରେ ବି ହେଉଛି।

**ମୁମ୍ବାଇ କଲର୍ ଫେଷ୍ଟିଭାଲ୍**– ଏହି ଉତ୍ସବର ନାମରୁ ଲାଗୁଥାଇପାରେ ଏହା ଭାରତରେ ପାଳିତ ହେଉଥିବା ମହୋତ୍ସବ। କିନ୍ତୁ ରଙ୍ଗର ଏହି ମହୋତ୍ସବ ପାଳିତ ହୁଏ ନେଦରଲାଣ୍ଡସ୍‌ରେ। ପ୍ରତିବର୍ଷ ନେଦରଲାଣ୍ଡସ୍‌ର ସ୍ୱତନ୍ତ୍ରତା ଦିବସ ୫ ମେ'ରେ ଏହି ରଙ୍ଗର ମହୋତ୍ସବ ପାଳିତ ହୁଏ। ସମସ୍ତେ ଖୁସିରେ ମତୁଆଲା ହୋଇ ଲାଇଭ୍ ମ୍ୟୁଜିକ୍‌ର ତାଳେତାଳେ ନାଚନ୍ତି, ଖାଆନ୍ତି ପିଅନ୍ତି ଓ ଚିହ୍ନା ଅଚିହ୍ନା ସମସ୍ତେ ସମସ୍ତଙ୍କୁ ରଙ୍ଗ ପକାଇ ବେଶ୍ ମଜା ନିଅନ୍ତି। ଏଥିରେ ବ୍ୟବହୃତ ରଙ୍ଗକୁ ଭଲଭାବେ ପରୀକ୍ଷା କରାଯାଇଥାଏ। ଏହା ବାୟୋଡିଗ୍ରେଡେବଲ୍ ଓ ଆଦୌ କ୍ଷତିକାରକ ନୁହେଁ। ମୁହଁରେ ପ୍ରୋଟେକ୍ଟିଭ୍ କ୍ରିମ୍ ଲଗାଇବାକୁ ବି ଦିଆଯାଇଥାଏ। ସମସ୍ତ ନେଦରଲାଣ୍ଡବାସୀ ଏହିଦିନ ଓ ମହୋତ୍ସବକୁ ମନଭରି ଉପଭୋଗ କରନ୍ତି। ଆଉ ରଙ୍ଗରେ ଭିଜି ନିଜର ସ୍ୱାଧୀନତା, ସମାନତା, ମାନବାଧିକାର ଓ ଗଣତନ୍ତ୍ରକୁ ଉପଭୋଗ କରନ୍ତି। ଉକ୍ତ ମହୋତ୍ସବରେ ଭାରତୀୟ ହୋଲି ପର୍ବର ଝଲକ ବେଶ୍ ବାରି ହୋଇପଡ଼େ। ଠିକ୍ ଯେମିତି ଏଠି ସମସ୍ତେ ପରସ୍ପରର ମୁହଁରେ ରଙ୍ଗ ବୋଳନ୍ତି। ଉଦ୍ଦେଶ୍ୟ ଥାଏ ରଙ୍ଗର ଆଢୁଆଳରେ ରହିବନି କୌଣସି ଭିନ୍ନତା ଓ ଅସମାନତା। ଧନୀ ହୁଅନ୍ତୁ କି ଗରିବ, ବୃଦ୍ଧ ଅବା ଯୁବକ, ଭିନ୍ନ ବର୍ଣ୍ଣର ବି ଏଠି ରହିବନି ତାରତମ୍ୟ। ସମସ୍ତେ ଏକାଠି ନାଚିବେ, ରଙ୍ଗରେ ଭିଜି ଏକାକାର ହୋଇଯିବେ। ତେବେ ଏହି ମହୋତ୍ସବକୁ ୧୮ ବର୍ଷ ବୟସରୁ କମଙ୍କୁ ଯିବାର ଅନୁମତି ନ ଥାଏ।

**ହୋଲି ଗାର୍ଡେନ୍ ଫେଷ୍ଟିଭାଲ**– ସ୍ପେନ୍‌ର ଏକ ଦ୍ୱୀପ ହେଉଛି ଇବିଜା, ଯାହାକି ଭୂମଧ୍ୟ ସାଗରରେ ଅଛି। ଏଠାକାର ବେନିମୁସା ପାର୍କରେ ୨୦୧୪ରୁ ପାଳିତ ହେଉଛି ହୋଲି ଗାର୍ଡେନ ଫେଷ୍ଟିଭାଲ୍। ୱାର୍ଲଡ କ୍ଲାସ୍ ଡିଜେର ଧୁନ୍‌ରେ ନାଚିନାଚି ପରସ୍ପରକୁ ରଙ୍ଗ ବୋଳାବୋଳି ହୋଇ ଏଠି ସମସ୍ତେ ମହୋତ୍ସବର ଆନନ୍ଦ ଉଠାନ୍ତି। ଏଠାରେ ମଧ୍ୟ ଅଂଶଗ୍ରହଣକାରୀମାନେ ଧଳା ପୋଷାକ ପିନ୍ଧନ୍ତି। ଦିନର ଖରାରେ ବି ଏହି ରଙ୍ଗର ଖେଳକୁ ସଭିଏଁ ବେଶ୍ ଉପଭୋଗ କରନ୍ତି।

**କଲର୍ ଜାମ୍ କଲର୍ ମ୍ୟୁଜିକ୍ ଫେଷ୍ଟିଭାଲ୍**– ଏହି ରଙ୍ଗର ଉତ୍ସବ ଟେକ୍ସାସ୍‌ରେ ପାଳିତ ହୋଇଥାଏ। ରଙ୍ଗ ଓ ସଙ୍ଗୀତର ଏକ ମଧୁର ସମ୍ମିଶ୍ରଣ ଦେଖିବାକୁ ମିଳେ ଏହି ଉତ୍ସବରେ। ହୋଲିର ନିଚ୍ଛକ ଛବି ହେଉଛି ଏହି ମହୋତ୍ସବ।





**ଫେଷ୍ଟିଭାଲ୍ ଅଫ୍ କଲର୍ସ**– ସବୁ ଚିନ୍ତାକୁ ଛାଡ଼ି ଥରେ କାଲିଫର୍ଣ୍ଣିଆର, ଓସେନ୍‌ସାଇଡ୍ ସହରରେ ହେଉଥିବା ଏହି ଉତ୍ସବରେ ଯୋଗ ଦେବା ଉଚିତ। ଏଥିରେ କେବଳ ରଙ୍ଗ ଖେଳ ହୁଏ ତାହା ନୁହେଁ, ଫାଇନ୍ ଆର୍ଟ ଓ କ୍ରାଫ୍ଟ ପ୍ରଦର୍ଶନୀ, ସୁସ୍ୱାଦୁ ଖାଦ୍ୟର ଷ୍ଟଲ୍ ଖୋଲାଯାଏ, ଯୋଗ, ଡ୍ୟାନ୍ସ, ଲାଇଭ୍ ମ୍ୟୁଜିକ୍ ଓ ଡିଜେ ବି ଚାଲେ। ଏଠାରେ ଭକ୍ତି ଗୀତ ବି ଲଗାଯାଏ। ତେଣୁ ପରିବେଶ ବେଶ୍ ଶାନ୍ତ ଓ ମନୋମୁଗ୍ଧକର ଲାଗେ।

**ଫେଷ୍ଟିଭାଲ୍ ଅଫ୍ କଲର୍ସ ଟୁର୍**– ଏହା ଏକ ଅନ୍ତର୍ଜାତୀୟ ରଙ୍ଗର ମହୋତ୍ସବ, ଯାହାକି ୪୦ ସହର ଓ ୧୬ଟି ଦେଶରେ ପାଳିତ ହେଉଛି। ବର୍ଲିନ୍‌ରେ ଆରମ୍ଭ ହୋଇଥିବା ଏହି ଉତ୍ସବ ପରବର୍ତ୍ତୀ ସମୟରେ ଜର୍ମାନୀ, ଭିଏନା, ଆମଷ୍ଟରଡ୍ୟାମ୍, ବାର୍ସେଲୋନା, ଲଣ୍ଡନ, ମେକ୍ସିକୋ, କେପ୍‌ଟାଉନ୍ ଆଦିରେ ପାଳିତ ହେଉଛି। ଭାରତୀୟ ପର୍ବରୁ ଅନୁପ୍ରାଣିତ ଏହି ଉତ୍ସବରେ ବି ରଙ୍ଗଖେଳ ସହ ନାଚ ଗୀତର ଆସର ଜମେ। ଏକ ବଡ଼ ଷ୍ଟେଜ୍‌ରେ ଡିଜେମାନେ ପରଫର୍ମ କରନ୍ତି। ତା'ସହ ନାଚ ଗୀତ ବି ହୁଏ। ଆଉ ଖୋଲା ପଡ଼ିଆରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ ରଙ୍ଗ ଖେଳ ସହ ଡିଜେର ତାଳେ ତାଳେ ଝୁମି ଝୁମି ବେଶ୍ ମଜା କରନ୍ତି। ଅପରାହ୍ଣ ୧୨ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ ହୁଏ।

**ୱାଟର୍ ଫାଇଟ୍**– ଥାଇଲାଣ୍ଡରେ ନବବର୍ଷ ଆସିଲେ ହୁଏ ଏକ ମଜାଦାର ଉତ୍ସବ, ଯାହା ହୋଲି ପରି। ହେଲେ ଏଥିରେ ବ୍ୟବହାର ହୋଇ ନ ଥାଏ ରଙ୍ଗ। ଲୋକେ ପରସ୍ପରକୁ କେବଳ ପାଣି ଫୋପାଡ଼ି ଖେଳି ଥାଆନ୍ତି। ବେଲୁନ୍‌ରେ ପାଣି ଭର୍ତ୍ତି କରି, ୱାଟର ଗନ୍ ସହ ମଗ, ବାଲ୍‌ଟି ଯିଏ, ଯାହା ପାରେ ବ୍ୟବହାର କରି ପାଣିର ଏହି ଯୁଦ୍ଧ ହୁଏ। ମହୋତ୍ସବଟି 'ସଙ୍ଗକ୍ରାନ୍' ନାମରେ ପରିଚିତ। ଏପ୍ରିଲ ୧୩ରୁ ୧୫ ତାରିଖ ଭିତରେ ଏହା ପାଳିତ ହୁଏ। ନବବର୍ଷ ପାଳନର ଏହି ଅଭିନବ ଉପାୟ ସାରା ଦେଶବାସୀ ଆପଣାନ୍ତି। ନବବର୍ଷକୁ ତାଜା ଓ ଆଧ୍ୟାତ୍ମିକଭାବେ ଶୁଦ୍ଧ ହୋଇ ପାଳନ କରିବା ପାଇଁ ଏହିଭଳି ନବବର୍ଷ ପାଳନ କରାଯାଉଛି। ଏହି ଉତ୍ସବ ତିନି ଦିନ ଧରି ଚାଲେ। ୱାଟର୍ ଫାଇଟ୍ ବ୍ୟତୀତ ଏଥିରେ ବୁଦ୍ଧ ମନ୍ଦିର ପର୍ଯ୍ୟନ୍ତ ଏକ ରଙ୍ଗିନ ପରେଡ ବି ହୁଏ। ଏଠାକାର ବୁଦ୍ଧ ମନ୍ଦିରରେ ବୁଦ୍ଧଦେବଙ୍କ ଫଟୋକୁ ପବିତ୍ର ସ୍ନାନ କରାଇବାର ସୁଯୋଗ ବିଦେଶୀଙ୍କୁ ବି ଦିଆଯାଇଥାଏ। ବିଶ୍ୱାସ ଅଛି ଏଭଳି କଲେ ଆରମ୍ଭ ଶୁଭଙ୍କର ହୁଏ।

**କାସ୍କାମୋରାସ୍ ଫେଷ୍ଟିଭାଲ**– ଦକ୍ଷିଣ ସ୍ପେନ୍ ଅନ୍ତର୍ଗତ ଆଣ୍ଡାଲୁସିଆର ଗ୍ରାନାଡା ପ୍ରାନ୍ତରେ ଅଛି ଦୁଇଟି ସହର ଗୁଆଡିକ୍ସ ଓ ବାଜା। ଏହି ଦୁଇ ସହରରେ ପାଳିତ ହୋଇଥାଏ ଏହି ମହୋତ୍ସବ। ଏହାକୁ 'ଫେଷ୍ଟିଭାଲ୍ ଅଫ୍ ଇଣ୍ଟରନ୍ୟାଶନାଲ ଟୁରିଜମ୍ ଇଣ୍ଟରେଷ୍ଟ'ର ଆଖ୍ୟା ବି ଦିଆଯାଇଛି। ମହୋତ୍ସବଟି ବେଶ୍ ମଜାଦାର। ବାଜା ଅଧିବାସୀ ପ୍ରତିବର୍ଷ ଆପାଦମସ୍ତକ କଳାରଙ୍ଗ ଲଗାଇ ତାଙ୍କର ଅତିପ୍ରିୟ ଭର୍ଜିନ ମେରୀଙ୍କ ପ୍ରତିମୂର୍ତ୍ତିକୁ ପଡ଼ୋଶୀ ସହର ଗୁଆଡିକ୍ସ ଅଧିବାସୀଙ୍କଠାରୁ ସୁରକ୍ଷା ପ୍ରଦାନ କରନ୍ତି, ଯେଉଁମାନେ କି ସେହି ପ୍ରତିମୂର୍ତ୍ତିକୁ ଚୋରାଇବାକୁ ଆସନ୍ତି। କାରଣ ଉଭୟ ଦାବି କରନ୍ତି ପ୍ରତିମୂର୍ତ୍ତି ତାଙ୍କର ବୋଲି। କୁହାଯାଏ ଗୁଆଡିକ୍ସର କାସ୍କାମୋରା ନାମକ ବ୍ୟକ୍ତି ମୋଜାରେବ୍‌ରେ ଏକ ଚର୍ଚ୍ଚ ନିର୍ମାଣ କରୁଥିଲେ। ସେତେବେଳେ ସେ ମାଟି ତଳୁ ଭର୍ଜିନ ମେରୀଙ୍କର ଏକ ମୂର୍ତ୍ତି ପାଇଥିଲେ। ଉଭୟ ବାଜା ଓ ଗୁଆଡିକ୍ସବାସୀ ଏହାକୁ ତାଙ୍କର ବୋଲି ଦାବି କଲେ। ଶେଷରେ ଟ୍ରିବ୍ୟୁନାଲ ନିଷ୍ପତ୍ତି ନେଲେ ମୂର୍ତ୍ତି ବାଜାରେ ରହିବ। ଆଉ ବର୍ଷକୁ ଥରେ ତାହା ଗୁଆଡିକ୍ସକୁ ନିଆଯିବ। ହେଲେ ଏହାକୁ କେହି ମାନି ନ ଥିଲେ। ଉଭୟ ସହର ତାକୁ ସମ୍ପୂର୍ଣ୍ଣ ନିଜର କରିବାକୁ ଚାହିଁଲେ। ଗୁଆଡିକ୍ସର ଲୋକେ ପ୍ରତିମୂର୍ତ୍ତିକୁ ଚୋରାଇନେଲେ। ହେଲେ ବାଜା ଅଧିବାସୀ ପୁଣି ଛଡ଼ାଇ ଆଣିଲେ। ଶେଷରେ ନିଷ୍ପତ୍ତି ନିଆଗଲା ସନ୍ଥ ଦିବସରେ ଗୁଆଡିକ୍ସର ମନୋନୀତ ବ୍ୟକ୍ତି ଯଦି ସଫା ଓ ଶୁଦ୍ଧ ରହି ଭର୍ଜିନ ମେରୀଙ୍କ ପ୍ରତିମୂର୍ତ୍ତି ନେଇପାରିବ, ତେବେ ତାହା ତାଙ୍କ ପାଖରେ ରହିବ। ପ୍ରତିବର୍ଷ ଗୁଆଡିକ୍ସର ମନୋନୀତ ବ୍ୟକ୍ତି କାସ୍କାମୋରା ଆସନ୍ତି ପ୍ରତିମୂର୍ତ୍ତି ନେବା ପାଇଁ। ହେଲେ ବାଜା ନିବାସୀ ଅଣ୍ଡା, ଅଲିଭ୍ ତେଲ, ଅଟା ପକାଇବା ଯୋଗୁ ସେ ମୂର୍ତ୍ତି ନିଜ ସହ ନେଇପାରନ୍ତି ନାହିଁ। ଶହ ଶହ ବର୍ଷ ତଳର ଏହି ପ୍ରଥା ଏବେ ମଜାଦାର ଉତ୍ସବ ପାଲଟି ଯାଇଛି। ଯେଉଁଥିରେ ୨୦-୨୫ ହଜାର ଲୋକ ଯୋଗ ଦେଉଛନ୍ତି। ଆଉ କଳାରଙ୍ଗରେ ରଙ୍ଗେଇ ହୋଇ ଖେଳର ମଜା ଉଠାନ୍ତି।

**କାଦୁଅ ହୋଲି**– ଏ ଏମିତି ଏକ ମହୋତ୍ସବ, ଯେଉଁଥିରେ ରଙ୍ଗ ନୁହେଁ କାଦୁଅରେ ଲୋକ ଲୋଟପୋଟ୍ ହୁଅନ୍ତି। ଆଉ ସେଇଥିରୁ ପାଆନ୍ତି ଆନନ୍ଦ। ଦକ୍ଷିଣ କୋରିଆ ଚୁଙ୍ଗଚିଓଙ୍ଗ ପ୍ରାନ୍ତସ୍ଥ ବୋର୍‌ୟୋଙ୍ଗରେ ପ୍ରତିବର୍ଷ ଖରାଦିନେ କାଦୁଅର ଏହି ମହୋତ୍ସବ ପାଳିତ ହୁଏ। ୧୯୯୮ରୁ ଏହା ଆରମ୍ଭ ହୋଇଥିଲା। ପୋଖରୀର କାଦୁଅ ସମୁଦ୍ର କୂଳକୁ ଅଣାଯାଇ ଏହି ଉତ୍ସବ ପାଳନ କରାଯାଏ। ତେବେ ଏଠାରେ ଯେଉଁ କାଦୁଅ ବ୍ୟବହାର କରାଯାଏ, ତାହା ମିନେରାଲ୍ସରେ ଭରପୂର ହୋଇଥାଏ। ତେଣୁ ଚର୍ମ ପ୍ରତି ବିପଦ ଆଶଙ୍କା ନ ଥାଏ। କାଦୁଅର ପୁଲ୍ ସହ କାଦୁଅର ସ୍ଲାଇଡ୍ ବା ଖସଡ଼ା, କାଦୁଅରେ କାରାଗାର ଓ କାଦୁଅରେ ସ୍କିଂ ପ୍ରତିଯୋଗିତା ହେଉଛି ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ। ବଡି ପେଣ୍ଟିଂ ପାଇଁ ରଙ୍ଗିନ କାଦୁଅର ବି ଆୟୋଜନ ହୋଇଥାଏ। ଏସବୁ ସହିତ ଲାଇଭ୍ ମ୍ୟୁଜିକ ଚାଲେ, ବିଭିନ୍ନ ପ୍ରତିଯୋଗିତା ହୁଏ, କାଦୁଅରେ ତିଆରି ବିଭିନ୍ନ ପ୍ରସାଧନ ସାମଗ୍ରୀ ଥିବା ଷ୍ଟଲ୍ ବି ଲାଗେ। ଏହି ମହୋତ୍ସବ ଏବେ ସାରା ପୃଥିବୀରେ ବେଶ୍ ଚର୍ଚ୍ଚିତ। ସୁଇଜରଲାଣ୍ଡ ଓ ମିସିଗାନ୍‌ରେ ବି ଏହିଭଳି କାଦୁଅ ମହୋତ୍ସବ ହୋଇଥାଏ।

ରଙ୍ଗର ଏହି ଉତ୍ସବସବୁ କେବଳ ଆନନ୍ଦ ଦିଏନି ଅଧିକନ୍ତୁ ସବୁ ପ୍ରକାରର ଭେଦଭାବ ଭୁଲାଇ ସମସ୍ତଙ୍କୁ ଏକାକାର କରାଏ। ତେଣୁ ଏକତାର ସୂତ୍ରରେ ବାନ୍ଧୁଥିବା ଏହି ପର୍ବ ଯଦି ସବୁଠି ପାଳନ ହେବ ଦୁନିଆ ହୋଇଯିବ ବେଶ୍ ସୁନ୍ଦର ଓ ରଙ୍ଗିନ।





–ଶିବାନୀ







# ହୋଲି ଲୁକ୍



**ରଙ୍ଗର ପର୍ବ ହୋଲିରେ କେଉଁ ପୋଷାକ ପିନ୍ଧିଲେ ଆଉ କିପରି ସଜେଇ ହେଲେ ପରଫେକ୍ଟ ହୋଲି ଲୁକ୍ ପାଇହେବ, ସେ ନେଇ ଅନେକଙ୍କର ଚିନ୍ତା ଥାଏ। କାରଣ ଦିନକୁ ଦିନ ଟ୍ରେଣ୍ଡ ବଦଳୁଛି। ଆଉ ଆଗଭଳି ଲୋକେ ପୁରୁଣା ପୋଷାକରେ ହୋଲି ଖେଳିବା ଅପେକ୍ଷା ସଜବାଜ ହୋଇ ଭଲ ପୋଷାକ ପିନ୍ଧି ପରିବାର ଓ ସାଙ୍ଗସାଥୀଙ୍କ ସହ ମଜା ମଉଜରେ ଦିନ କାଟିବାକୁ ପସନ୍ଦ କରୁଛନ୍ତି। ତେଣୁ ଏହି ଖାସ୍ ଦିନରେ କିପରି ସ୍ପେଶାଲ୍ ଲୁକ୍ ପାଇହେବ, ସେ ନେଇ କିଛି ଟିପ୍ସ...**







**ଆଉଟ୍‌ଫିଟ୍:** ହୋଲିରେ ଧଳା ରଙ୍ଗର ପୋଷାକ ପିନ୍ଧିବାକୁ ଅନେକେ ପସନ୍ଦ କରିଥାନ୍ତି। କିନ୍ତୁ ଆପଣ ଚାହିଁଲେ ଏହିଦିନ ଧଳା ରଙ୍ଗ ସହିତ ନାଲି, କମଳା, ନୀଳ ଅବା ଗୋଲାପି ରଙ୍ଗକୁ କମ୍ବାଇନ୍ କରି ଯେ କୌଣସି ଆଉଟ୍‌ଫିଟ୍ ଟ୍ରାଏ କରିପାରିବେ। ସେହିପରି ଫ୍ଲୋରାଲ୍ ଡ୍ରେସ୍ ବି ହୋଲିରେ ଆକର୍ଷଣୀୟ ଲୁକ୍ ଦେଇଥାଏ। ତା'ଛଡ଼ା ମଲ୍ଟି କଲର୍ ଦୁପଟ୍ଟା କିମ୍ବା ମଲ୍ଟି କଲର୍ ଡ୍ରେସ୍‌କୁ ବି ହୋଲିରେ ପିନ୍ଧିଲେ ଟ୍ରେଣ୍ଡି ଲାଗେ।

**ଆସେସରିଜ୍:** ହୋଲିରେ ଦାମୀ ଜୁଏଲେରି ବଦଳରେ ହାଲ୍‌କା ଆର୍ଟିଫିସିଆଲ୍ ଜୁଏଲେରି ପିନ୍ଧିବା ଦରକାର। ଯଦି ଏହି ଦିନ କୌଣସି ଟ୍ରାଡିଶନାଲ୍ ଡ୍ରେସ୍ ପିନ୍ଧୁଥାନ୍ତି, ତା'ହେଲେ ତାକୁ ମ୍ୟାଚ୍ କରି ଝୁମ୍‌କା ଓ ମଲ୍ଟି କଲର୍ ଚୁଡି ଟ୍ରାଏ କରିପାରିବେ। ଅନ୍ୟପକ୍ଷେ ୱେଷ୍ଟର୍ନ ଲୁକ୍ ପାଇଁ ଆପଣ ଚାହିଁଲେ ଜିନ୍ସ-କୁର୍ତ୍ତି କିମ୍ବା ନି' ଲେନ୍ଥ ଫ୍ରକ୍ ସହ ବ୍ରେସ୍‌ଲେଟ୍, ଇୟର୍ କଫ୍ସ ଏବଂ ଷ୍ଟାଇଲିଶ୍ ମୁଦି ବି ପିନ୍ଧିପାରିବେ।

**ମେକ୍‌ଅପ୍:** ହୋଲିରେ ସାମାନ୍ୟ ମେକ୍‌ଅପ୍ ନେବା ବି ଜରୁରୀ। ୱାଟର୍‌ପ୍ରୁଫ୍ ମେକ୍‌ଅପ୍ ନେଲେ ତ ସବୁଠୁ ଭଲ। କାରଣ ଏବେ ମାର୍କେଟ୍‌ରେ ଏମିତି କିଛି ରଙ୍ଗ ବି ମିଳିଛି, ଯେଉଁଥିରେ କ୍ଷତିକାରକ କେମିକାଲ୍ସ ରହୁଛି। ତେଣୁ ମେକ୍‌ଅପ୍ ନେଇ ଖେଳିଲେ ରଙ୍ଗରେ ଥିବା କ୍ଷତିକାରକ କେମିକାଲ୍ସର ପ୍ରଭାବ ଆମ ସ୍କିନ୍ ଉପରେ ସେତେ ବେଶି ପଡି ନ ଥାଏ। ସେହିପରି ହୋଲି ଖେଳିବାକୁ ଯିବା ପୂର୍ବରୁ ଦେହସାରା ସନ୍‌ସ୍କ୍ରିନ୍ ଲୋଶନ ଲଗାଇବା ମଧ୍ୟ ଦରକାର।

**ନେଲ୍ ଆର୍ଟ:** ପରଫେକ୍ଟ ହୋଲି ଲୁକ୍ ପାଇଁ ଆପଣ ଚାହିଁଲେ ନେଲ୍‌ଆର୍ଟ ବି କରିପାରିବେ। ଆଜିକାଲି ମଲ୍ଟି କଲର୍ ନେଲ୍‌ଆର୍ଟର ଟ୍ରେଣ୍ଡ ଚାଲିଲାଣି। ଯଦି ମଲ୍ଟି କଲର୍ ନେଲ୍‌ଆର୍ଟ କରୁଥାନ୍ତି, ତା'ହେଲେ ତାକୁ ମ୍ୟାଚ୍ କରି ମଲ୍ଟି କଲର୍ ଆଉଟ୍‌ଫିଟ୍ ପିନ୍ଧିବେ, ଏହା ପରଫେକ୍ଟ ଲୁକ୍ ଦେବ।

**ହେୟାର୍ ଷ୍ଟାଇଲ୍:** ହୋଲି ପାଇଁ ସବୁଠୁ ଭଲ ହେୟାର୍ ଷ୍ଟାଇଲ୍ ହେଉଛି ପୋନିଟେଲ୍। ତେବେ ଏହିଦିନ ଯେମିତି ବି ହେୟାର୍ ଷ୍ଟାଇଲ୍ କରନ୍ତୁ, ହୋଲିର ରଙ୍ଗ ଯେମିତି କେଶର କିଛି କ୍ଷତି ନ କରିବ ସେଥିପ୍ରତି ଧ୍ୟାନ ଦେବେ। ଆପଣ ଚାହିଁଲେ ଏହିଦିନ ସ୍କାର୍ଫ ବାନ୍ଧି ବି ହୋଲି ଖେଳିପାରିବେ।

**ଫୁଟ୍‌ୱେର୍:** ହିଲ୍ ପରିବର୍ତ୍ତେ ରବର୍ ସୁ' ହୋଲି ପାଇଁ ବେଷ୍ଟ ଅପ୍ସନ। ତେବେ ଧ୍ୟାନ ଦେବେ ରବର ସୁ'ଏପରି ହୋଇଥିବା ଦରକାର, ଯାହା ପିନ୍ଧିବାକୁ କମ୍ଫର୍ଟେବଲ୍ ଲାଗିବା ସହ ପାଣିରେ ସ୍ଲିପ୍ କରୁ ନ ଥିବ। ଆପଣ ଚାହିଁଲେ ଏହି ଦିନ ଫ୍ଲିପ୍ ଫ୍ଲପ୍ ବି ଟ୍ରାଏ କରିପାରିବେ। କେହି କେହି ଏହିଦିନ ସ୍ନିକର୍ସ, ଫ୍ଲୋଟର୍ସ, ଲୋଫର୍ସ ବି ପିନ୍ଧୁଥିବା ଦେଖିବାକୁ ମିଳେ।

**ସନ୍‌ଗ୍ଲାସ୍:** ସନ୍‌ଗ୍ଲାସ୍ ବି ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରିଦିଏ। ଆଉ ହୋଲି ଭଳି ଦିନରେ ସନ୍‌ଗ୍ଲାସ୍ ପିନ୍ଧିବା ତ ନିହାତି ଜରୁରୀ। କାରଣ ଏହା ଟ୍ରେଣ୍ଡି ଲୁକ୍ ଦେବା ସହ ରଙ୍ଗ ଖେଳରୁ ଆଖିକୁ ସୁରକ୍ଷା ମଧ୍ୟ ପ୍ରଦାନ କରିଥାଏ। ଆଜିକାଲି କଲର୍‌ଫୁଲ୍ ସନ୍‌ଗ୍ଲାସ୍ ବି ମିଳିଲାଣି, ଯାହାକୁ ପିନ୍ଧିଲେ ହୋଲି ଲୁକ୍ ବି ଆହୁରି ଆକର୍ଷଣୀୟ ଲାଗିବ।









# କେଟି ପେରୀ









**ଗୀତ, ନାଚ, ଅଭିନୟ ଭଳି ଈଶ୍ୱରୀୟ ଗୁଣ ସବୁ ଭରି ହୋଇ ରହିଥିଲା କେଟିଙ୍କ ପାଖରେ। ସେ ମନକୁମନ ନାଚି ପାରୁଥିଲେ ଓ ଗାଇ ପାରୁଥିଲେ। ଅନେକ ଦିନ ପର୍ଯ୍ୟନ୍ତ ସେ ବିଧିବଦ୍ଧ ଭାବରେ କୌଣସି ତାଲିମ୍ ନେଇ ନ ଥିଲେ...**

ଦିନ ଥିଲା ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। କାରଣ ଜୀବନ ବୋଝ ପାଲଟି ଯାଇଥିଲା ତାଙ୍କ ପାଇଁ। ପ୍ରେମିକ ତଥା ସ୍ୱାମୀ ରସେଲ୍ ବ୍ରାଣ୍ଡଙ୍କ ସହ ସମ୍ପର୍କ ତୁଟିଯିବା (ବ୍ରେକ୍ ଅପ୍) ପରେ ସେ ନିଜକୁ ଅତ୍ୟନ୍ତ ଅସହାୟ ମନେ କରିଥିଲେ। ଆଉ ଭାବି ନେଇଥିଲେ ଯେ, ଆତ୍ମହତ୍ୟା ବ୍ୟତୀତ ତାଙ୍କର ଗତ୍ୟନ୍ତର ନାହିଁ। ସେ ଧରଣର ମାନସିକତାରୁ ଓହରିବା ପାଇଁ ଯଥେଷ୍ଟ ପରିଶ୍ରମ କରିବାକୁ ପଡ଼ିଥିଲା ତାଙ୍କୁ। ଶେଷରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଉ ବିଶ୍ୱ ସଙ୍ଗୀତ ଜଗତରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ହେଉଛନ୍ତି ଗାୟିକା, ନୃତ୍ୟାଙ୍ଗନା ତଥା ଅଭିନେତ୍ରୀ କେଟି ପେରୀ।

**ସ୍କୁଲ୍‌ରେ ଆଲବମ୍:** ପିଲାଟି ବେଳୁ ସେ ସଂଗୀତ ଓ ନୃତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ। ବିଶେଷକରି ଖ୍ରୀଷ୍ଟଧର୍ମର ସଂଗୀତ (ଗସ୍‌ପେଲ୍ ସଂଗୀତ) ପ୍ରତି ତାଙ୍କର ଖୁବ୍ ଦୁର୍ବଳତା ରହିଥିଲା। ସେ ସେଥିରେ ତାଲିମ୍ ନେବା ଆରମ୍ଭ କରିଥିଲେ। ସେ ସ୍କୁଲ୍‌ରେ ପଢୁଥିବା ବେଳେ ଏକ ଆଲବମ୍ ପ୍ରସ୍ତୁତ କରିଥିଲେ। ସେତେବେଳକୁ କେଟି ଜଣେ ସେଲିବ୍ରିଟି ହୋଇ ନ ଥିଲେ। ତେଣୁ ତାହା ଭଲ ବିଜନେସ୍ କରି ନ ଥିଲା। ତେବେ ସେ ଯେ ଭବିଷ୍ୟତରେ ଜଣେ ଭଲ ଗାୟିକା ହୋଇପାରିବେ ସେକଥା ଜଣାପଡ଼ି ଯାଇଥିଲା।

**ୱାନ ଅଫ୍ ଦି ବଏଜ୍ :** 'ୱାନ୍ ଅଫ୍ ଦି ବଏଜ୍' ଆଲବମ୍ ରିଲିଜ୍ ହେବା ବେଳକୁ କେଟି ପେରୀ କେତେକାଂଶରେ ପରିଚିତ ହୋଇସାରିଥିଲେ। ତେବେ ଏହି ଆଲବମ୍ ହିଁ ତାଙ୍କୁ ପ୍ରଥମକରି ସେଲିବ୍ରିଟିର ମାନ୍ୟତା ପ୍ରଦାନ କଲା। ୱାକିଂ ଅପ୍ ଇନ୍ ଭେଗାସ୍, ଆଇ କିସ୍ ଏ ଗର୍ଲ, ହଟ୍ ଆନ୍ କୋଲ୍ଡ ଆଦି ଗୀତର ଟ୍ରାକ୍ ତାଙ୍କୁ ସବୁ ସଂଗୀତପ୍ରେମୀଙ୍କ ନିକଟରେ ପରିଚିତ କରିଦେଇଥିଲା। ପରବର୍ତ୍ତୀ ଆଲବମ୍ 'ଟିନଏଜ୍ ଡ୍ରିମ୍' ତାଙ୍କ ସଙ୍ଗୀତ ପରିପକ୍ୱତାର ପ୍ରମାଣ ଦେଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କ ଆଲବମ୍ 'ବ୍ୟାଡ୍' ସହିତ କ୍ରିଟିକ୍‌ମାନେ 'ଟିନ୍‌ଏଜ୍ ଡ୍ରିମ୍'କୁ ସମକକ୍ଷ ବୋଲି ତୁଳନା କରିଥାନ୍ତି। 'ଟିନ୍‌ଏଜ୍ ଡ୍ରିମ୍' ଓ 'ଫାୟାର୍ ୱର୍କ' ପାଇଁ ସେ ଗ୍ରାମୀ ପୁରସ୍କାରକୁ ମନୋନୀତ ହୋଇଥିଲେ। ଏହା ପରେ ପରେ ରସେଲ୍ ବ୍ରାଣ୍ଡ୍‌ଙ୍କ ସହିତ ତାଙ୍କର ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥିଲା।

**ପ୍ରାଥମିକ ଜୀବନ:** ୧୯୮୪ ମସିହା ଅକ୍ଟୋବର ମାସ ୨୫ ତାରିଖରେ କାଲିଫର୍ନିଆର ସାନ୍ତାବାର୍ବରାଠାରେ ଜନ୍ମ ହୋଇଥିଲେ କେଟି। ବାପାଙ୍କ ନାମ କେଥ୍ ହୁଡ୍‌ସନ୍ ଓ ମା'ଙ୍କ ନାମ ମେରୀ ହୁଡ୍‌ସନ୍। କେଟି ଥିଲେ ତାଙ୍କ ପରିବାରରେ ସବୁଠୁ ବେଶି ପ୍ରିୟ। ତାଙ୍କ ଭିତରେ ଗୀତ, ନାଚ, ଅଭିନୟ ଭଳି ଈଶ୍ୱରୀୟ ଗୁଣ ସବୁ ଭରି ହୋଇ ରହିଥିଲା। ସେ ମନକୁମନ ନାଚି ପାରୁଥିଲେ ଓ ଗାଇ ପାରୁଥିଲେ। ଅନେକ ଦିନ ପର୍ଯ୍ୟନ୍ତ ସେ ବିଧିବଦ୍ଧ ଭାବରେ କୌଣସି ତାଲିମ୍ ନେଇ ନ ଥିଲେ। ମାତ୍ର ଏତେ ଉଚ୍ଚକୋଟୀର ନୃତ୍ୟ ତଥା ସଂଗୀତ ପରିବେଷଣ କରୁଥିଲେ ଯେ, ତାହା ଦେଖି ସମସ୍ତେ ମୁଗ୍ଧ ହୋଇ ଯାଉଥିଲେ।

**ହାଇସ୍କୁଲ ପଢ଼ା :** କେଟିଙ୍କର ସଂଗୀତ ନୃତ୍ୟ ପ୍ରତି ଥିବା ଆଗ୍ରହ ଦେଖି ଶେଷରେ ବାପାମା' ତାଙ୍କୁ ତାଲିମ୍ ଦେବା ନିମନ୍ତେ ଚିନ୍ତାକଲେ। ସେତେବେଳକୁ କେଟି ହାଇସ୍କୁଲରେ ପାଠ ପଢ଼ିବା ଆରମ୍ଭ କଲେଣି। ହାଇସ୍କୁଲ ପଢ଼ା ସହିତ ସେ ପ୍ରଥମେ ନୃତ୍ୟରେ ତାଲିମ୍ ନେଲେ। ଗୋଟିଏ ବର୍ଷ ନୃତ୍ୟ ଶିକ୍ଷା କରିବା ପରେ ସେ ଗୀତରେ ତାଲିମ୍ ନେଲେ। ତାଙ୍କ ବଡ଼ ଭଉଣୀର ଏକ ମ୍ୟୁଜିକ୍ ସେଟ୍ ଥିଲା। କେଟିଙ୍କ ମତରେ ଏହା ହିଁ ତାଙ୍କୁ ସଂଗୀତ କ୍ଷେତ୍ରରେ ଆଗକୁ ଯିବା ଲାଗି ବିଶେଷ ସହାୟକ ହୋଇଥିଲା। ତେବେ ତାଙ୍କ ଭଉଣୀ ଚାହୁଁ ନ ଥିଲେ ଯେ, କେଟି ଗୀତ ଗାଆନ୍ତୁ। ଓଲଟି ସେ ତାଙ୍କୁ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ପ୍ରୋତ୍ସାହନ ଦେଉଥିଲେ। ହେଲେ ଭଉଣୀ ନ ଥିବା ବେଳେ କେଟି ନିଜେ ଯାଇ କ୍ୟାସେଟ୍ ଲଗେଇ ଗୀତ ଗାଉଥିଲେ।

**ଚର୍ଚ୍ଚ ଓ କେଟି :** ଏମିତି ଏକ ସମୟ ଥିଲା ଯେତେବେଳେ କେଟି ଚର୍ଚ୍ଚରେ ଗୀତ ଗାଇ ପ୍ରସିଦ୍ଧି ଅର୍ଜନ କରିଥିଲେ। ଚର୍ଚ୍ଚରେ ଗୀତ ଗାଉଥିବା ବେଳେ ତାଙ୍କର ଅନେକ ସଂଗୀତ ଶିଳ୍ପୀଙ୍କ ସହିତ ନିୟମିତ ସାକ୍ଷାତ ହେଉଥିଲା। ସେ ସେମାନଙ୍କଠାରୁ ସଂଗୀତ ବିଷୟରେ ଅନେକ କିଛି ଶିଖିବାକୁ ପାଉଥିଲେ। ଧୀରେ ଧୀରେ କେତେକ ମ୍ୟୁଜିକ୍ ଗ୍ରୁପ୍‌ରେ ମଧ୍ୟ କେଟି ସାମିଲ ହେଲେ। ସେ ରେକର୍ଡିଂ, ଡେମୋ, ଟ୍ରାକ୍ ଆଦି ବିଷୟ ଜାଣିଲେ। ଗୀଟାର ବଜେଇବା ଶିଖିଲେ। ଗୀତ କମ୍ପୋଜିସନ୍‌ର ବ୍ୟାକରଣ ହାସଲ କଲେ। ଇତ୍ୟବସରରେ କେଟି 'ରେଡ୍ ହିଲ୍' ନାମକ ଏକ କମ୍ପାନୀ ସହିତ ଚୁକ୍ତି କଲେ। 'ରେଡ୍ ହିଲ୍' ବ୍ୟାନରରେ ତାଙ୍କର ଆଲବମ୍ ସବୁ ମୁକ୍ତିଲାଭ କଲା।



# ରଜନୀଗନ୍ଧା ହୃଦୟ ଓ ନିଷ୍ପାପ ଜହ୍ନ

– ଲକ୍ଷ୍ମଣ କୁମାର

କେବେକେବେ ନିସ୍ତବ୍ଧ ରାତିରେ ପବନରେ ଭାସିଆସେ ତା'ର ମନଜିଣା ସ୍ୱର–

: ହେ, କେଉଁଠି ଅଛ... !

ମୁଁ ପବନକୁ ଫେରାଏ ଉତ୍ତର ।

: କେମିତି ଅଛ ? କ'ଣ କରୁଛ ମୋ ଚୋର !

ଏଥରକ ମୁଁ ନିରୁତ୍ତର ରହେ । ଠିକ୍ ସେତିକିବେଳେ ଜହ୍ନ ଆଖିରୁ କେଇଟୋପା ରୁପା ଆଲୁଅର କାକର ଝରେ ଗୋଟେ ରଜନୀଗନ୍ଧା ପାଖୁଡ଼ା ଉପରେ । ଜହ୍ନ ଥାଏ ଦୂର ଆକାଶରେ – ଏକ୍ଲା ବୋଇତ ପରି ସେ ଭାସୁଥାଏ ମେଘର ଢେଉରେ । ଆଉ ରଜନୀଗନ୍ଧା ଫୁଲଟି ଥାଏ ଦୂର କେଉଁ ଗଙ୍ଗଶିଉଳିର ଅଗଣାରେ ।

କାହିଁ କେତେଦିନରୁ ମୁଁ ଶୁଣି ଆସିଛି– ଜହ୍ନ ପାଇଁ କଇଁ ଥାଏ ।

ଏବେ କିନ୍ତୁ ଜାଣିଲି, ପୃଥିବୀର ଆକାଶରେ ଗୋଟିଏ ନୁହେଁ କୋଟିଏ ଜହ୍ନ ଓ ପୃଥିବୀର ଅଗଣାରେ ଗୋଟିଏ ନୁହେଁ କୋଟିଏ ଫୁଲ । କେତେ ଗୋଲାପ, କେତେ କଇଁ, କେତେ ରଜନୀଗନ୍ଧା । କେଉଁଠି କେଉଁ ଜହ୍ନ ପାଇଁ ତେଣୁ ନୀରବରେ କେଉଁଠି ଲୁହରେ ବତୁରୁଥାଏ ରଜନୀଗନ୍ଧାର ହୃଦୟଟେ । ଏହା ବି ସତ ଯେ, ଜହ୍ନ ପାଲଟେ ଦୁଷ୍ଟ ପ୍ରଜାପତି ଓ ସନ୍ତର୍ପଣରେ ଓହ୍ଲେଇ ଆସେ ମାଟି ଉପରକୁ । ଗୋଟେ ତୋଫା ଜହ୍ନର ଓଠ ଲାଖି ଯାଇଥାଏ ସାରାରାତି ଗୋଟେ ରଜନୀଗନ୍ଧାର ଶୁଭ୍ର ଦେହରେ ।

ମନେପଡୁଛି ସେ ବିତିଯାଇଥିବା ମୁହୂର୍ତ୍ତର କଥା କେତୋଟି:

ମୁଁ କହିଲି : କେଡ଼େ ମିଠା ତୁମେ ।

ତା'ର ଉତ୍ତର : କେତେ ଲୁଣିଆ ତୁମେ ।

ତେବେ ତ ଗୋଟେ ମିଠା ନଈ ଓ ଲୁଣିଆ ସମୁଦ୍ର ଯୋଡ଼ି ଚମତ୍କାର ମାନିବ ।

ସେ ହସିଲା ଖିଲି ଖିଲି ହେଇ । ଯେମିତି ଅମାନିଆ ନଈର ହିଲ୍ଲୋଳ ।

ଦିନେ ରାତି ବାରଟାରେ ତା'ର ଅପ୍ରତ୍ୟାଶିତ ଫୋନ୍ । ସେ ଥିଲା ଗୋଟେ ଜ୍ୟୋତ୍ସ୍ନା–ତାରକିତ ରାତିର ମୁହୂର୍ତ୍ତ । ଆଉ ସେ ଥାଏ ସୁଦୂର ଗୋଟେ ଦ୍ୱୀପ ସହରରେ ।

ସେ କହିଲା : ଜାଣିଛ, ମୁଁ ବାଲକୋନୀରେ ଛିଡ଼ା ହୋଇଛି ଏକାକୀ ଓ ଆଞ୍ଜୁଳା ଆଞ୍ଜୁଳା ତୋଫା ଜହ୍ନ ଆଲୁଅ ପିଇ ଯାଉଛି ଆଜି । ତମେ କ'ଣ ଆଜି ଝରିଯାଉଛ କି ଜହ୍ନ ଆଲୁଅ ହୋଇ !

ଆଜି ଏତେଦିନ ପରେ ଏ ନିସ୍ତବ୍ଧ ରାତିର ବିଜନ ବେଳାରେ ଆକାଶର ଖୋଲାଛାତ ତଳେ ମୁଁ ଛିଡ଼ା ହୋଇଛି । ମୋତେ ଲାଗୁଛି ମୁଁ କ୍ରମଶଃ ମିଳେଇ ଯାଉଛି ତୋଫା ଜହ୍ନ ଆଲୁଅରେ ଓ କ୍ରମେ ପାଲଟି ଯାଉଛି ଗୋଟେ ସୁକୁମାର ଜହ୍ନ ଓ ଝରି ପଡୁଛି ଚୂନାଚୂନା କିରଣ ହୋଇ ତା'ର ରଜତ ଶୁଭ୍ର ରଜନୀଗନ୍ଧା ଫୁଲ ଦେହରେ ।

– ଦିଗ୍‌ବଳୟ, ଲେଣ୍ଡା,
ବରପାଲି, ବରଗଡ଼

# ଫଗୁର ଫୁଆର

–ଡା.ସରୋଜିନୀ ଷଡ଼ଙ୍ଗୀ

ଆଜି ଏ ଧରଣୀ ଦିଶେ
କାହିଁକି ଏତେ ସୁନ୍ଦର ?
ଗଛ,ଲତା,ପତ୍ର,ଫୁଲ
ଲାଗେ କେତେ ମଧୁର ମଧୁର
ଫଗୁଣ ଆସିଗଲା କି'
ରଙ୍ଗର ପସରା ମେଲି
ଚାରିଆଡ଼େ ଫଗୁ ଆଉ
ଫିକା ଫିକା ଫଗୁର ଫୁଆର !
ବସନ୍ତର ବିଚିତ୍ର ବର୍ଣ୍ଣରେ
ମଳୟର ମୁଗ୍ଧ ମହକରେ
ବନାନୀର ଏକି ମହୋତ୍ସବ !
ହୋଲିର ଅପୂର୍ବ ରଙ୍ଗେ
ରଙ୍ଗାଇ ନିଜର ଦେହ
ମତୁଆଲା ଆକାଶ ବି'
ସହସା ଓହ୍ଲାଇ କରେ
ପୃଥିବୀକୁ ମୁଗ୍ଧ ଆଲିଙ୍ଗନ ।

ଲିଙ୍କ୍‌ରୋଡ୍,କଟକ
ମୋ: ୯୪୩୭୦୫୫୦୦୭

# ରୂପାନ୍ତର

– ସାଇପ୍ରିୟା ନାୟକ

କାହିଁ କେବେ ଠୁ
ଅପେକ୍ଷା କରିଛି ମୁଁ
ସେଇ ମୁହୂର୍ତ୍ତକୁ
ଶାମୁକା ଭିତରେ ମୁକ୍ତା
ପାଲଟିବାକୁ, ସହସ୍ର
ଆଲିଙ୍ଗନର ଜ୍ୱାଳା ସହିବାକୁ
ପଡୁପଛେ
ମୋ ଭିତରର ସମସ୍ତ
ଗର୍ଭବତୀ ଇଚ୍ଛାଙ୍କୁ
ମରିବାକୁ ହେଉ
କିନ୍ତୁ ସବୁ ବିବଶ ମୁହୂର୍ତ୍ତଙ୍କୁ
ମୁଁ ଜଳାଞ୍ଜଳି ଦେବି
ଖାସ୍ ତୁମ ପାଇଁ...

ତୁମ ପାଇଁ ମୋ
ମନରେ ଅୟୁତ ଯୁଗରୁ
ବସା ବାନ୍ଧିଥିବା
ବାଇ ଚଢ଼େଇର ବସା
ମାଟିରେ ମିଶିବା
ଆଗରୁ, ଥରୁଟିଏ
ଆସ, କରିଦିଅ ମୋତେ
ଶାମୁକାରୁ ମୁକ୍ତା
ଅନ୍ୟ ଏକ ରୂପାନ୍ତର ।।

– ପ୍ରଫୁଲ୍ଲ ନଗର,
ଜଗନ୍ନାଥପୁର, ଭଦ୍ରକ

# କଙ୍କଣ

–ଜଲି ସ୍ୱାଇଁ

ଯଦି କେବେ ମଡେପଡ଼େ
ଜୁଇ ହୋଇ ଜଳିଯିବା ଆଗରୁ
ତମେ ମୋତେ ସଜାଇବ
ପିନ୍ଧାଇ ଦେବ ମୋ ମଥାରେ ସିନ୍ଦୂର,
ହାତରେ କଙ୍କଣ, ପାଦରେ ଅଳତା
କେତୋଟି ମୁହୂର୍ତ୍ତ ପାଇଁ ନିଜର କରିନେବ ।

ସବୁକିଛି ଜଳିଯିବା ପରେ
ନ ଥିବ ମୋ ଲଲାଟରେ ସିନ୍ଦୂରର ଦାଗ,
ଲିଭି ଯାଇଥିବ ପାଦରୁ ଅଳତା
ତଥାପି ପଡିଥିବ ଦୁଇପଟ କଙ୍କଣ
ଯାହାପାଇଁ ଟିକକ ଆଗରୁ ପାଲଟି ଥିଲି
ମୁଁ ତୁମର ଅର୍ଦ୍ଧାଙ୍ଗିନୀ ।

– ଚନ୍ଦ୍ରଘଟୀ, ଏରସମା, ଜଗତ୍‌ସିଂହପୁର



# ବହାର୍ ବେଗମ୍ : ପ୍ରଥମେ ଶ୍ରୀଦେବୀ, ତା'ପରେ ମାଧୁରୀ

ହିନ୍ଦୀ ସିନେମା 'କଳଙ୍କ'ର ବହାର୍ ବେଗମ୍ ଭୂମିକାଟିକୁ ତୁଲାଇଛନ୍ତି ମାଧୁରୀ ଦୀକ୍ଷିତ। ହେଲେ ଏହି ଭୂମିକା ପଛରେ ଏକ ମଜାଦାର ଘଟଣା ଲୁଚି ରହିଛି। କରନ୍ ଜୋହର ଯେତେବେଳେ ଏହି ଭୂମିକାରେ କିଏ ଅଭିନୟ କରିବ ବୋଲି ଚିନ୍ତା କଲେ ସେତେବେଳେ ତାଙ୍କ ମାଇଣ୍ଡକୁ ଶ୍ରୀଦେବୀ ଆସିଥିଲେ। ହେଲେ ତାଙ୍କର ଅକସ୍ମାତ ବିୟୋଗ ସବୁ କିଛି ଓଲଟ ପାଲଟ କରିଦେଲା। ଏହାପରେ ଏଭଳି ଏକ ଭୂମିକାକୁ କିଏ ନେଇ ଆଣି ଥୋଇ ପାରିବ ସେ ନେଇ ବେଶ୍ କିଛିଦିନ ମାନସ ମନ୍ଥନ କରିଥିଲେ କରନ୍। ହଠାତ୍ ଦିନେ ତାଙ୍କର ମାଧୁରୀଙ୍କ କଥା ମନେପଡିଥିଲା। 'ଆରେ, ଏ ରୋଲ୍ ପାଇଁ ମାଧୁରୀ ମଧ ଫିଟ୍' ବୋଲି ଭାବିବା ପରେ ଆଉ କାଳବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା। ମାଧୁରୀଙ୍କୁ ମଧ ଜଣାଇ ଦିଆଯାଇଥିଲା ଯେ ଏହି ଭୂମିକା ପାଇଁ ଫାଷ୍ଟ ଚଏସ ଥିଲେ ଶ୍ରୀଦେବୀ। କିନ୍ତୁ ତାଙ୍କର ପରଲୋକ ପରେ ଏହି ରୋଲ୍ ତାଙ୍କୁ (ମାଧୁରୀ)ଅଫର କରାଯାଇଛି। ଏହାକୁ ଏକ ଆର୍ଶୀବାଦ ବୋଲି ଭାବି ମାଧୁରୀ ଆଖିବୁଜି ହଁ ଭରିଥିଲେ। କରନ୍‌ଙ୍କ ପ୍ରଯୋଜନାରେ ଏବଂ ଅଭିଷେକ ବର୍ମନ୍‌ଙ୍କ ନିର୍ଦ୍ଦେଶନାରେ ଏହି ମଲ୍‌ଟି ଷ୍ଟାରର ଫିଲ୍ମରେ ମାଧୁରୀଙ୍କ ବ୍ୟତୀତ ସୋନାକ୍ଷୀ ସିହ୍ନା, ଆଲିୟା ଭଟ୍ଟ, ବରୁଣ ଧାୱନ, ଆଦିତ୍ୟ ରୟ କପୁର ଏବଂ ସଞ୍ଜୀୟ ଦତ୍ତ ଅଭିନୟ କରିଛନ୍ତି। ଏହାର ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରୀତମ। ଫିଲ୍ମଟି ଚଳିତବର୍ଷ ଏପ୍ରିଲ ୧୭ରେ ପରଦା ଉପରକୁ ଆସିବାର ଯୋଜନା ରହିଛି।


ମାଧୁରୀ

## ରଣବୀରଙ୍କ ମନ କଥା

ବଲିଉଡ୍‌ରେ ରଣବୀରଙ୍କ ଡିମାଣ୍ଡ ଏବେ କାହିଁରେ କେତେ। କେବଳ ଚଳଚ୍ଚିତ୍ର ନୁହେଁ ଅଧିକାଂଶ ବିଜ୍ଞାପନରେ ତାଙ୍କୁ ଦେଖିବାକୁ ମିଳୁଛି। ତେବେ ସବୁଠାରୁ ଖାସ୍ କଥା ହେଲା ସେ ପତ୍ନୀ ଦୀପିକାଙ୍କୁ ପ୍ରଶଂସା କରିବାରେ କୌଣସି ସୁଯୋଗ ହାତଛଡା କରିବାକୁ ଚାହାନ୍ତି ନାହିଁ। ସେପଟେ ସେ ପତ୍ନୀଙ୍କ ସହ ଏବେ ଲଣ୍ଡନ ଯାଇଛନ୍ତି। ସେଠାରେ ଥିବା ମ୍ୟାଡାମ୍ ତୁଷାଡସ ମ୍ୟୁଜିୟମରେ ଦୀପିକାଙ୍କ ମହମ ପ୍ରତିମୂର୍ତ୍ତି ସ୍ଥାନ ପାଇଛି। ରଣବୀର ସିଂ ନିଜ ଜୀବନର ଏକ ସୁନ୍ଦର ସ୍ମୃତି ସମ୍ପର୍କରେ କହିଛନ୍ତି। ଥରେ ଫିଲ୍ମ ଫେୟାର ପୁରସ୍କାର ଉତ୍ସବରେ 'ବାଜିରାଓ ମସ୍ତାନି' ଚଳଚ୍ଚିତ୍ର ପାଇଁ ରଣବୀରଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ 'ପିକୁ' ପାଇଁ ଦୀପିକା ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଉଥାଆନ୍ତି। ଦୁହେଁ ବସିଥିବା ସିଟ୍‌ର ସାମନା ସିଟ୍‌ରେ ରଣବୀରଙ୍କ ରୋଲ୍ ମଡେଲ ଅମିତାଭ ବଚ୍ଚନ ବସିଥାଆନ୍ତି। ଏଭଳି ମୁହୂର୍ତ୍ତକୁ ସେ ଜୀବନରେ କେବେ ଭୁଲି ପାରିବେ ନାହିଁ ବୋଲି କହିଛନ୍ତି।


ରଣବୀର-ଦୀପିକା


ଶ୍ରେୟାନ-ସୂର୍ଯ୍ୟମୟୀ

## ସେଲଫିସ୍ ଦିଲ୍

ଏ ଦିଲ୍‌ଟା କ'ଣ ସତରେ ସେଲଫିସ୍ ? ଯଦି ଏପରି ହୁଏ ତେବେ ପ୍ରେମର ଗାଡି ଆଗକୁ ଆଗେଇବ ବା କେମିତି ? ହେଲେ ସେହି ସେଲଫିସ୍ ଦିଲ୍ ଭିତରେ କେଉଁଠି ନା କେଉଁଠି ଛୋଟ ଜାଗାଟିଏ ରହିଛି। ବାସ୍, ତାକୁ ପାଇବା ହିଁ ବଡ କଥା। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ସେଲଫିସ୍ ଦିଲ୍'। ପଞ୍ଚବଟୀ କ୍ରିଏସନ୍ସ ବ୍ୟାନରରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କେବଳ ସେତିକି ନୁହେଁ ଏପରି ଏକ ଲଭ୍ ଷ୍ଟୋରିକୁ ବେଶ୍ ସୁନ୍ଦର ଭାବରେ ଦୃଶ୍ୟାୟନ କରିଛନ୍ତି ଅନ୍ୟତମ ନାମୀ ନିର୍ଦ୍ଦେଶକ ବସନ୍ତ ସାହୁ। ଖାସ୍ କଥା ହେଲା ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ନବାଗତ ନାୟକ ଶ୍ରେୟାନ୍। ତାଙ୍କ ସହ ନାୟିକା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟମୟୀ। ଏହାପୂର୍ବରୁ ସୂର୍ଯ୍ୟମୟୀ 'ଭଲ ପାଏ ତୋତେ ୧୦୦ରୁ ୧୦୦' (ବାବୁସାନ୍), 'ଆଖି ଖୋଲି ଦେଲେ ତୁ : ତୁ ହି ତୁ' (ଦୀପକ), କ୍ରେଜି-ଫୋର୍ (କରନ୍) ଏବଂ ରିଲିଜ୍ ଅପେକ୍ଷାରେ ଥିବା 'କ୍ରିଷ୍ଣା-ଦ ଷ୍ଟୋରି ଅଫ ଏ ଡ୍ୟାନ୍ସର' (କ୍ରିଷ୍ଣା) ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। 'ସେଲଫିସ୍ ଦିଲ୍'ରେ ଶ୍ରେୟାନ ଜଣେ ନଟିବୟ ଚରିତ୍ରରେ ଦେଖାଦେବେ। ତେବେ ଏହି ଫିଲ୍ମରେ ସେ ଦର୍ଶକଙ୍କୁ କେତେ ଇମ୍ପ୍ରେସ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଅକ୍ଷୟ କୁମାର

## ନାୟକ ହେବ ଏମିତି

ସତରେ, ନାୟକ ହେବ ଏମିତି। ଦେଖୁନାହାନ୍ତି, ପ୍ରଶଂସକଙ୍କ ପାଇଁ ସେ କେତେ ଉଦାର। ସେମାନଙ୍କୁ ଖୁସି କରିବା ପାଇଁ ସେ ନିଜର ଏକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସଲ କରିବାକୁ ପଛାଇ ନ ଥିଲେ। ସେ ହେଲେ ଅକ୍ଷୟ କୁମାର। ଦିନ ଥିଲା ବଲିଉଡ୍‌ର ଆକ୍ସନ ଷ୍ଟାର ଭାବରେ ତାଙ୍କୁ ଗଣନା କରାଯାଉଥିଲା। କିନ୍ତୁ ଏବେ ସେ ଯେ କୌଣସି ଭୂମିକା କୁହନ୍ତୁ ତାକୁ ତୁଲାଇବାରେ କେତେ ସିଦ୍ଧହସ୍ତ ତାହା କହିବା ବାହୁଲ୍ୟ। ବିଶେଷ ଭାବରେ ଜଣେ କମେଡିଆନ ଭାବରେ ସେ ନିଜକୁ ମଧ ପରିଚିତ କରାଇପାରିଛନ୍ତି। ନିକଟରେ ସେ ଏକ ରେଷ୍ଟୁରାଣ୍ଟରୁ ରିଫ୍ରେସ ହୋଇ ଫେରୁଥିଲେ। ଠିକ୍ କାର ପାର୍କିଂର ଅନତି ଦୂରରୁ କେତେ ଜଣ ପ୍ରଶଂସକ ତାଙ୍କୁ ଦେଖି ଦେବା ପରେ ଅକ୍ଷୟ ଆଉ କାର ଆଡକୁ ଯିବେ କ'ଣ ସେମାନଙ୍କ ପାଖରେ ଅଟକି ଯାଇଥିଲେ। ବାସ୍, କିଛି ସମୟ କଥାବାର୍ତ୍ତା ଭିତରେ ସେମାନଙ୍କର ସମସ୍ୟା ବିଷୟରେ ପଚାରି ବୁଝିଥିଲେ ସେ। ଆଉ ତା'ପରେ ସେଗୁଡିକ କିପରି ସମାଧାନ ହୋଇପାରିବ ସେ ନେଇ ପ୍ରତିଶ୍ରୁତି ମଧ ଦେଇଥିଲେ। କେବଳ ସେତିକି ନୁହେଁ, ସେମାନଙ୍କୁ ସାଙ୍ଗରେ ଧରି ପୁଣି ଥରେ ରେଷ୍ଟୁରାଣ୍ଟକୁ ଫେରିଥିଲେ। ସେଠାରେ ସେମାନଙ୍କୁ ଆପ୍ୟାୟିତ କରିବା ପରେ ଘର ମୁହାଁ ହୋଇଥିଲେ ଅକ୍ଷୟ।

## ସାପକୁ ଡର

ପ୍ରତ୍ୟେକ ମଣିଷ ମନରେ କାହାକୁ ନା କାହାକୁ ନେଇ ଭୟ ଥାଏ। ଆଉ ସେଥିରୁ ବା ପରିଣିତି ବାଦ୍ ପଡନ୍ତେ କିପରି। ସେ କାହାକୁ ବେଶି ଭୟ କରନ୍ତି ଜାଣନ୍ତି ? ସାପକୁ। ପୁଣି ତାହା ସତସତିକା ହେଉ ଅବା ପ୍ଲାଷ୍ଟିକର। ଇଏ ତ ଗଲା ଗୋଟିଏ କଥା। ପରିଣିତି ଚୋପ୍ରାଙ୍କର ଆଉ ଏକ ଗୁଣ ହେଲା ସେ ଅଧିକାଂଶ ସମୟ ମୋବାଇଲ ସହ ବିତାଇଥାଆନ୍ତି। ପୁଣି ନୂଆ ନୂଆ ଡିଜାଇନ୍‌ର ମୋବାଇଲ ବଜାରକୁ ଆସିଲେ ସେ ତାହାକୁ କିଣିବାକୁ ଭୁଲନ୍ତି ନାହିଁ। ତାଙ୍କ ବ୍ୟାଗ୍‌ରେ କ'ଣ ଥାଉ ବା ନ ଥାଉ ହେଲେ ଲିପ୍ ବାମ୍ ଏବଂ ଫେସ୍ ୱାଶଟିଏ ନିଶ୍ଚୟ ଥିବ। ତାଙ୍କର ତ ନିଶ୍ଚୟ କିଛି ପସନ୍ଦୀୟ ଖାଦ୍ୟ ଥିବ। ହଁ,ସେ ପିଜ୍ଜା ଖାଇବାକୁ ଭଲ ପାଆନ୍ତି। ଏପରି କି ରାତି ଅଧରେ ଯଦି ପିଜ୍ଜା ଖାଇବା କଥା ମନେ ପଡିଗଲା ତେବେ ସେ ତାହାକୁ ମଗାଇ ଖାଇଥାଆନ୍ତି। ତାଙ୍କର ଆଉ ଏକ ଗୁଣ ରହିଛି। ସେ ନଖ କାମୁଡିବାକୁ ଭଲ ପାଆନ୍ତି। ଏପରି ଅଭ୍ୟାସ ତାଙ୍କର ଏବେ ମଧ ଅଛି। ଏହାକୁ ଛାଡିବାକୁ ସେ ଅନେକ ଥର ଚେଷ୍ଟା କଲେଣି, ହେଲେ କ'ଣ ହେବ, ତାହା ସମ୍ଭବ ହୋଇପାରୁନାହିଁ। ପରିଣିତି ଜଣେ ଗାୟିକା ମଧ। ସେ ସଙ୍ଗୀତରେ ଅନର୍ସ ଡିଗ୍ରୀ ହାସଲ କରିଛନ୍ତି। ଆଉ ଏକ ଖାସ୍ କଥା ରହିଛି। ସେ ଜଣେ ମେଧାବୀ ଛାତ୍ରୀ ବି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଥିଲେ।


ପରିଣିତି

# ଟିକିଏ ରୁଷାକୁ ଟିକିଏ ହସ ସହଜେ ପଡେନା ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅ ଟିକେ ହସିଲେ ଟିକେ ରୁଷୁଛି। ତାକୁ କେମିତି ପ୍ରେମ ଜାଲରେ ଫସାଇବି ଜାଣିପାରୁନାହିଁ।

–ଅନିକେତ ସାହୁ, ବଡବିଲ

**ଉତ୍ତର** : 'ଟିକିଏ ରୁଷାକୁ ଟିକିଏ ହସ, ସହଜେ ପଡେନା ପ୍ରେମର ଫାଶ'। ସେହି ଝିଅର ରୁଷା ଆଉ ହସ ଭିତରେ ହିଁ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ମଗଜ ଖଟାଇ ଖୋଜନ୍ତୁ। ନ ହେଲେ ମନଲାଖି ପ୍ରେମିକାଟିଏ ଖୋଜିବା ଏମିତି ଚାଲିଥିବ। ଯଦି ସପନ ରାଇଜରେ ଅଛନ୍ତି ତେବେ ଡେରି ନ କରି ବାସ୍ତବତାକୁ ଆସନ୍ତୁ। ଯଦି ସେ ସୁନ୍ଦରୀ ଆଖିରେ ପ୍ରେମର ଝଲକ ଦେଖିବାକୁ ପାଉଛନ୍ତି ତେବେ ଡେରି କରିବାର କିଛି କାରଣ ନାହିଁ। ଆଖିବୁଜି ପ୍ରେମ ଦୁନିଆରେ ଏଣ୍ଟ୍ରି କରନ୍ତୁ।

**ପ୍ରଶ୍ନ**–ଜଣେ ଝିଅର ନୀରବତାକୁ କ'ଣ ପ୍ରେମ ବୋଲି ଧରିନେବାକୁ ହେବ ?

–ସୁମନ୍ତ ପ୍ରଧାନ, ସୁନାବେଡା

**ଉତ୍ତର** :ସବୁ ନୀରବତା ପଛରେ ପ୍ରେମ ନ ଥାଏ। ହଁ, ବେଳେବେଳେ ଏହି ନୀରବତା ପ୍ରେମ ପାଇଁ ଏକ ଲମ୍ବା ରାସ୍ତା ଖୋଲିଦେଇଥାଏ। ହେଲେ ସେହି ଝିଅର ମାନସିକତାକୁ ଭଲ ଭାବରେ ଅନୁଧ୍ୟାନ କରନ୍ତୁ। ଯଦି ସେଥିରୁ ପ୍ରେମର ବାସ୍ନା ଆସିଲା ତେବେ ଧରି ନିଅନ୍ତୁ ଆପଣ ଯାହା ଭାବୁଥିଲେ ତାହା ଘଟିବାକୁ ଯାଉଛି।

**ପ୍ରଶ୍ନ**–କହନ୍ତି ଗୋଲାପ ଫୁଲ ହେଉଛି ପ୍ରେମର ପ୍ରତୀକ। ଜଣେ ଝିଅକୁ ଗୋଲାପ ଫୁଲଟିଏ ଦେଇଦେଲେ ପ୍ରେମର ବିଗୁଲ ବାଜିଥାଏ। ହେଲେ ମୁଁ କେତେ ଜଣ ଝିଅଙ୍କୁ ଗୋଲାପ ଫୁଲ ଦେଇ ଗାଳି ଶୁଣିଛି। କ'ଣ ପାଇଁ ଏମିତି ହେଉଛି ?

–ଦେବେନ୍ଦ୍ର ନାୟକ, ଜଗତସିଂହପୁର

**ଉତ୍ତର** : ଆପଣ ସବୁବେଳେ ରଂ ନମ୍ବର ଲଗାଉଛନ୍ତି। ଗୋଲାପ ଫୁଲ ପ୍ରେମର ପ୍ରତୀକ ହୋଇପାରେ। ହେଲେ ଯାହାକୁ ଦେଇଦେଲେ ଯେ ପ୍ରେମର ଆରମ୍ଭ ହୋଇଯିବ ସେଭଳି ଭ୍ରାନ୍ତ ଧାରଣା ପ୍ରଥମେ ମନରୁ ଦୂର କରନ୍ତୁ। ପ୍ରଥମେ ନିଜ ହୃଦୟରେ ଜାଗା ଦେଲା ଭଳି ଝିଅଟିଏ ଚୟନ କରନ୍ତୁ। ଯଦି ସେ ପ୍ରେମ ଜାଲରେ ଫସି ଗଲା ତେବେ ତାକୁ ମନ ଇଚ୍ଛା ଗୋଲାପ ଫୁଲ ଦେଇପାରନ୍ତି।

**ପ୍ରଶ୍ନ**–ମୁଁ ଏବେ ଯାହାକୁ ଭଲ ପାଇ ବସିଛି ତାକୁ କିଛି ମାସ ପୂର୍ବରୁ ମୋ ସାଙ୍ଗ ଭଲ ପାଉଥିଲା। ଏବେ ମୁଁ ତାକୁ ପ୍ରେମିକା ଭାବରେ ଗ୍ରହଣ କରିବି କି ନାହିଁ ଜାଣିପାରୁନାହିଁ।

–ତପନ କୁମାର, ଯାଜପୁର

**ଉତ୍ତର** : ପ୍ରେମିକାର ଏଭଳି ହିଷ୍ଟ୍ରି ଜାଣିବା ପରେ ପ୍ରଥମେ ତା' ପଛରେ କେତେ ସତ୍ୟତା ଅଛି ଅନୁସନ୍ଧାନ କରନ୍ତୁ। ଯଦି ତାକୁ ଗୁରୁତ୍ୱ ନ ଦେଇ ଆପଣ ତା' ହାତ ଧରି ଆଗକୁ ମାଡି ଚାଲିଲେ କିଛି ପରବାୟ ନାହିଁ। ହେଲେ ସେ କଥାକୁ ଯଦି ଗୁରୁତ୍ୱ ଦିଅନ୍ତି ତେବେ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଇଞ୍ଚ ମଧ୍ୟ ଘୁଞ୍ଚିବ ନାହିଁ। କାରଣ ସବୁ କିଛି ଆପଣଙ୍କ ଉପରେ ହିଁ ନିର୍ଭର କରେ। ବାସ୍, ଥଣ୍ଡା ମିଜାଜରେ ଏ ବିଷୟରେ ଚିନ୍ତା କରି ଯାହା ନିଷ୍ପତ୍ତି ନେବା କଥା ନିଅନ୍ତୁ।

**ପ୍ରଶ୍ନ**–କେଉଁ ଋତୁରେ ପ୍ରେମ କରିବାକୁ ଭଲ ଲାଗେ ?

–ଜିତେନ୍ଦ୍ର, କଟକ

**ଉତ୍ତର** : ପ୍ରେମ ପୁଣି ତା' ପାଇଁ ଋତୁ ! ଥରେ ପ୍ରେମର ନିଶା ଘାରିଲେ ଋତୁ କ'ଣ ବର୍ଷା, ଖରା, ଶୀତ କିଛି ଜଣାପଡେନା। କାରଣ ତାହା ଏପରି ଲଡୁ ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା।

ସାଥୀ



## ପ୍ରଥମ ରୋଜଗାର



ଚିତ୍ରଶିଳ୍ପୀ **ଅଖିଳ ଚନ୍ଦ୍ର ପ୍ରଧାନ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ମା'ଙ୍କୁ ଦେଇଥିଲି

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଠେଙ୍ଗା ଗ୍ରାମରେ ମୋର ଜନ୍ମ। ସ୍କୁଲ ପଢାବେଳୁ ଚିତ୍ର ଆଙ୍କିବା ଥିଲା ମୋର ସଉକ। ଖାସ୍ ସେଇଥିପାଇଁ ନବପଲ୍ଲୀ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ବଡ଼ ଭାଇ ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ପ୍ରେରଣାରେ ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ପଢିବାକୁ ଯାଇଥିଲି। ଚାରିବର୍ଷ ସରକାରୀ ବୃତ୍ତି ଲାଭ କରି ୧୯୭୮ରେ ସେଠାରୁ ପ୍ରଥମ ଶ୍ରେଣୀରେ ଡିଷ୍ଟିଂସନ ସହ ଫାଇନ୍ ଆର୍ଟରେ ଡିପ୍ଲୋମା ଶେଷକଲି। ଅବଶ୍ୟ ସେଠାରେ ପଢିବା ସମୟରେ ମୁଁ କରିଥିବା ଏକ ତୈଳଚିତ୍ର ବିଶିଷ୍ଟ ଚିତ୍ରଶିଳ୍ପୀ ଦୀନନାଥ ପାଠୀଙ୍କ ଦ୍ୱାରା ମନୋନୀତ ହୋଇ ଭୁବନେଶ୍ୱର ସୂଚନାଭବନରେ ସ୍ଥାନିତ ହୋଇଥିଲା, ଯାହା କି ମୋ ପାଇଁ ଗର୍ବର ବିଷୟ ଥିଲା। ତେବେ ଫାଇନ୍ ଆର୍ଟରେ ଡିପ୍ଲୋମା ସରିବା ପରେ ଅନୁଗୋଳସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କଳାଶିକ୍ଷକ ଭାବେ ପ୍ରଥମେ ଯୋଗଦେଇଥିଲି। ସେଠାରୁ ୫୦୦ ଟଙ୍କାରେ ମୋର ସରକାରୀ ଜୀବନ ଆରମ୍ଭ ହେଲା। ପ୍ରଥମ ଦରମାରୁ କିଛି ଟଙ୍କାରେ ମନ୍ଦିରରେ ଭୋଗ କରିଥିଲି, ଆଉ କିଛି ଟଙ୍କାରେ ସିନେମା ଦେଖିଥିଲି, ତା'ପରେ ଯେଉଁ ବଳକା ଟଙ୍କା ରହିଲା ମା'ଙ୍କୁ ନେଇ ଦେଇଥିଲି। କିଛିଦିନ ପରେ ପୁନର୍ବାର ଏକ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହୋଇ ଢେଙ୍କାନାଳ କଲେଜରେ ଚାକିରି କରିବାର ସୁଯୋଗ ପାଇଲି। ସେଠାରେ ପ୍ରାଣୀବିଜ୍ଞାନ ବିଭାଗରେ ଆର୍ଟିଷ୍ଟ ଭାବେ କାର୍ଯ୍ୟ କଲି। ଏଠାରେ ଦୀର୍ଘ ୩୮ ବର୍ଷ କାମ କରି ମାର୍ଚ୍ଚ ୨୦୧୮ରେ ଚାକିରିରୁ ଅବସର ନେଇଛି। ଅବଶ୍ୟ ଚାକିରିକାଳ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡିଆରେ ଏମ୍.ଏ ପାସ୍ କରିବା ସହ ଇଗ୍ନୋରୁ ପଞ୍ଚରି ଓ କମ୍ପ୍ୟୁଟରରେ ସାର୍ଟିଫିକେଟ୍ ହାସଲ କରିଛି। ତା'ସହିତ ଓଡ଼ିଶା ଲଳିତ କଳା ଏକାଡେମୀ, ଚାରୁକଳା ପରିଷଦ, ଗଞ୍ଜାମ ଜିଲ୍ଲା କଳାଶିକ୍ଷକ ସଂଘ ତଥା କଳା କୌମୁଦୀଦ୍ୱାରା ଦିଲ୍ଲୀ, ଭୁବନେଶ୍ୱର, ବ୍ରହ୍ମପୁର, କଟକ ଆଦି ସ୍ଥାନରେ ଆୟୋଜିତ ହୋଇଥିବା ବିଭିନ୍ନ ଚିତ୍ର ପ୍ରଦର୍ଶନୀରେ ମୋର ଅନେକ ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇସାରିଛି। ସେହିପରି ଢେଙ୍କାନାଳ ମହୋତ୍ସବ, ରୋଟାରି କ୍ଲବ, ଢେଙ୍କାନାଳ ଲାୟନ୍ସକ୍ଲବ ତଥା ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନ ତରଫରୁ ଆୟୋଜିତ ହେଉଥିବା ବିଭିନ୍ନ ଚିତ୍ର ପ୍ରତିଯୋଗିତାରେ ବିଚାରକ ଭାବେ ବି କାର୍ଯ୍ୟ ସମ୍ପାଦନା କରିଛି। ଅନ୍ୟପକ୍ଷେ କଳା କୌମୁଦୀ ତରଫରୁ କଟକରେ ଏକକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରିବାର ସୁଯୋଗ ବି ମୁଁ ପାଇଛି। ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କଳା କୌମୁଦୀ ତରଫରୁ ସ୍ୱତନ୍ତ୍ର ଭାବେ ମୋତେ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲା କଳା ଶିକ୍ଷକ ସଂଘଦ୍ୱାରା ଆୟୋଜିତ ସର୍ବ ଭାରତୀୟ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର ପାଇଛି। ଏସବୁ ବ୍ୟତୀତ ଚିତ୍ରକଳା ସମ୍ବନ୍ଧୀୟ ମୋର ଅନେକ ଫିଚର, ଜୀବନୀ, ଶିଶୁ ଗଳ୍ପ ଇତ୍ୟାଦି ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ସେହିପରି କେତୋଟି ପୁସ୍ତକର ପ୍ରଚ୍ଛଦ ଅଳଙ୍କରଣ କରିବା ମୋତେ ଖୁବ୍ ଆନନ୍ଦ ଦେଇଛି। ଅନ୍ୟପକ୍ଷେ ଜାତୀୟ ଲଳିତ କଳା ଏକାଡେମୀ, ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ପ୍ରକାଶିତ ଶିଳ୍ପୀ ପଞ୍ଜିକାରେ ମୋର ଆତ୍ମଲିପି ନିର୍ବାଚିତ ହୋଇ ପ୍ରକାଶିତ ହୋଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି। ସେହିପରି ରେଫରେନ୍ସ ଏସିଆ, ଦିଲ୍ଲୀରେ ମଧ୍ୟ ମୋର ଆତ୍ମଲିପି ପ୍ରକାଶିତ ହୋଇଛି। ତା'ଛଡ଼ା ଆର୍ଟ ସୋସାଇଟି ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ୍ ଏବଂ ଇଣ୍ଡିଆନ୍ କାଉନ୍ସିଲ୍ ଫର୍ କଲଚରାଲ ରିଲେଶନ୍ସର ଆଜୀବନ ସଦସ୍ୟ ହେବା ବି ମୋ ପାଇଁ ବହୁତ ଖୁସି ଆଣି ଦେଇଛି।



# ନବରଙ୍ଗିଆ ଶ୍ୟାମ ସାର୍‌..

ଗାଁ ଆଖଡ଼ାଶାଳାରେ ଚାଲେ ତାଙ୍କ କଳାର ସାଧନା। ବିଭିନ୍ନ କାହାଣୀକୁ ନେଇ କଳ୍ପନାରେ ଚରିତ୍ର ମାନଙ୍କ ନୃତ୍ୟରୂପକୁ ଦେଖନ୍ତି ସେ। ପାଦରେ ଘୁଙ୍ଗୁର, ମୁହଁରେ ପାଉଡ଼ର, ଓଠରେ ଲାଲ୍‌ରଙ୍ଗ ମାଖିହୋଇ ଚକ୍‌ମକ୍‌ ଦିଶୁଥିବା ରଙ୍ଗବେରଙ୍ଗ ଜରିରେ ସୁସଜ୍ଜିତ ପୋଷାକକୁ ପରିଧାନ କରି ସେ ଯେତେବେଳେ ମଞ୍ଚରେ ଉପନୀତ ହୁଅନ୍ତି, ଦର୍ଶକ ସ୍ତବ୍ଧ ହୋଇପଡ଼ନ୍ତି। ରଙ୍ଗମଞ୍ଚର ରଙ୍ଗିନ ଆଲୋକରେ ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍‌ ଆକର୍ଷିତ କରିଥାଏ। ପ୍ରେମ, ବିରହ, ବିଚ୍ଛେଦ, ହାସ୍ୟ, କ୍ରୋଧ, ବନ୍ଧୁତ୍ୱ, ଭକ୍ତି, ବାତ୍ସଲ୍ୟ ଓ ବୀରରସ ଆଦି ଦର୍ଶକଙ୍କ ମନରେ ଚମତ୍କାର ଭାବାବେଗ ସୃଷ୍ଟି କରିଥାଏ। କେବଳ ନିଜ ଗାଁରେ ଯେ ସେ ତାଙ୍କ ନୃତ୍ୟ ଅଭିନୟକୁ ଦେଖାଇଛନ୍ତି, ତା' ନୁହେଁ ବରଂ ରାଜ୍ୟ ଓ ବାହାର ରାଜ୍ୟର ଅନେକ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ବହୁବାର ନବରଙ୍ଗ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗୀତିନୃତ୍ୟ ମଞ୍ଚସ୍ଥ ବେଳେ କିଛି ଲୋକଗୀତ ଆପେଆପେ ତାଙ୍କ ମୁଖରୁ ଝରିପଡ଼େ, ଯାହାକି ମଞ୍ଚସ୍ଥ ହେଉଥିବା ସ୍ଥାନ, ସମୟ, ପରିବେଶ ଓ ପରିସ୍ଥିତିକୁ ବର୍ଣ୍ଣନା କରିଥାଏ । ସ୍ୱର, ଲୟ ଓ ତାଳରେ ତୁରନ୍ତ ଗୀତକୁ ବୋଲି ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥାନ୍ତି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ସାହୁ। ଡାକନାମ ଶ୍ୟାମ ସାର। ଜନ୍ମ ୮।୨।୧୯୭୨ ମସିହାରେ। ପିତାଙ୍କ ନାମ ଉଦୟନାଥ ସାହୁ। ମା'ଙ୍କ ନାମ ବୁଦ୍ଧି ଦେଈ। ଘର ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମପଞ୍ଚାୟତର ବଡ଼ବରମୂଳ ଗାଁରେ। ଶ୍ୟାମ ଯେତେବେଳେ କାନ୍ଧରେ ଧୁଡୁକି ଝୁଲାଇ ରଙ୍ଗମଞ୍ଚକୁ ପ୍ରବେଶ କରନ୍ତି ଏକ ନିଆରା ମଣିଷ ମନେହୁଅନ୍ତି। କିନ୍ତୁ ସାଧାରଣ ମଣିଷ ମାତ୍ର ଅସାଧାରଣ ପ୍ରତିଭାର ଅଧିକାରୀ ଶ୍ୟାମ ସାର କୁହନ୍ତି, ପିଲାଦିନେ ଘରେ ବୋଉ ବାପାଙ୍କଠାରୁ ପୁରାଣ କଥା ଶୁଣେ। ପୁଣି ଗାଁରେ ଯେଉଁଠି ପୁରାଣ କଥା ଆଲୋଚନା ହୁଏ ଶୁଣିବାକୁ ଯାଏ। ଏମିତିରେ ଅନେକ ପୁରାଣ କାହାଣୀ ମନେ ରହିଯାଏ। ଗାଁ ସ୍କୁଲରେ ପ୍ରାଥମିକ ପଢ଼ା ପରେ ଖୋର୍ଦ୍ଧାର ଏକ ସଂସ୍କୃତ ସ୍କୁଲରେ ୧୦ମ ଯାଏ ପଢ଼ିଲି। ସେହି ସମୟରେ ବାପାଙ୍କ ଦେହାନ୍ତ ଘଟିଲା। ତା'ପରେ ମୋ ପଢ଼ାରେ ଡୋରି ବନ୍ଧା ହେଲା। ଥରେ ଖୋର୍ଦ୍ଧା ଜିଲା ଚିଲିକା ନିକଟ ନଇରୀକୁ ଗଣେଶ ପୂଜା ଉପଲକ୍ଷେ ଗାଁରୁ ଏକ ଧୁଡୁକି ଦଳ ଯାଇଥିଲା। ମୁଁ ତାଙ୍କ ସାଥିରେ ଯାତ୍ରା ଦେଖିବାକୁ ଯାଇଥିଲି। ମାତ୍ର ହଠାତ ଧୁଡୁକି ମାଷ୍ଟ୍ରେ କୁଆଡ଼େ ଫେରାର ହୋଇଗଲେ। ତେଣୁ ମୋତେ ହିଁ ସେଠାରେ ସେଦିନ ଧୁଡୁକି ପରିବେଷଣ କରିବାକୁ ପଡ଼ିଥିଲା। ତା' ପରେ ସେବେଠାରୁ ଏହି କଳାକୁ ଆପଣେଇ ଚାଲିଛି।



୧୯୯୫ରୁ 'ନବରଙ୍ଗ ନୃତ୍ୟ' ପରିବେଷଣ କରିଆସୁଛି। ଏଥିରେ ପୁରାଣରୁ ଆରମ୍ଭ କରି ସାମ୍ପ୍ରତିକ ଘଟଣାକୁ ନେଇ ସମାଜ ସଂସ୍କାରଧର୍ମୀ ଗୀତିନାଟ୍ୟ ପରିବେଷଣ କରାଯାଇଥାଏ। ପୁରାଣକୈନ୍ଦ୍ରିକ କଥାରେ ସାମାଜିକ ଚଳଣି, ନୀତିଶିକ୍ଷା, ଆଦର୍ଶ ଜୀବନଚର୍ଯ୍ୟା, ଦେଶଭକ୍ତି, ସଂସ୍କାର ଆଦି ଶିକ୍ଷା ମିଳେ। ପ୍ରତିବର୍ଷ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ରଙ୍ଗମଞ୍ଚରେ ନବରଙ୍ଗ ନୃତ୍ୟ ପରିବେଷଣ କରିଆସିଛି। ସରକାରୀସ୍ତରରେ ରୋଡ଼ ସୁରକ୍ଷା, ପରିବେଶ ସୁରକ୍ଷା, ଜନସଂଖ୍ୟା ନିୟନ୍ତ୍ରଣ, ଏଡ୍‌ସ ସଚେତନତା, ଜବ୍‌କାର୍ଡ ଅଧିକାର, ଡେଙ୍ଗୁ, ମ୍ୟାଲେରିଆରୁ ମୁକ୍ତି, ଶିଶୁ ଅଧିକାର, ସ୍ୱଚ୍ଛ ଭାରତ, ବାଳିକା ସୁରକ୍ଷା ଓ ଜଳ ସୁରକ୍ଷା ଇତ୍ୟାଦି ବିଷୟରେ ନବରଙ୍ଗ ନୃତ୍ୟ ମାଧ୍ୟମରେ ଆମେ ଜନସଚେତନତା ସୃଷ୍ଟି କରିଥାଉ। ନିମାପଡ଼ା, ଖୋର୍ଦ୍ଧା, ବୋଲଗଡ଼, ରଣପୁର, ଭୁବନେଶ୍ୱର, ବାଲେଶ୍ୱର,



କୋରାପୁଟ, ଢେଙ୍କାନାଳ, କଟକ କଳାବିକାଶ କେନ୍ଦ୍ର, ରତନପୁର ଗାଁ ଲୋକକଳା ଆଦି ଶତାଧିକ ସାଂସ୍କୃତିକ ଉତ୍ସବରେ ନବରଙ୍ଗ ନୃତ୍ୟକୁ ପରିବେଷଣ କରିଆସୁଛୁ। ଏପରି କି କଲିକତା, ଛତିଶଗଡ଼, ବିହାର ଆଦି ରାଜ୍ୟରେ ଏହି ଲୋକକଳାକୁ ଲୋକପ୍ରିୟତା ମିଳିଛି। ଏବେ ଏହି ନୃତ୍ୟଦଳରେ ୫ ଝିଅ ଓ ବାଦ୍ୟକାର ୫ଜଣ ଅଛନ୍ତି। ପୁରାଣ ବିଷୟକୁ ନେଇ ନିଜସ୍ୱ ଶୈଳୀରେ ଗୀତିନାଟ୍ୟ ରଚନା କରିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଥାଏ। ଯେମିତିକି 'ପୃଥିବୀ ବିଜେତା ଭିନ୍ନ ଏକ ରାବଣ, ଦାନବୀର ହରିଶ୍ଚନ୍ଦ୍ର, ପାପୀ, ଯାହାକୁ ରଖିବେ ଅନନ୍ତ, ଭୀମ ହନୁ ଯୁଦ୍ଧ, ପୁଅ ଭାଙ୍ଗିଦେଲା ମା' ହାତର ଶଙ୍ଖା, ଅଭିମନ୍ୟୁ ଚକ୍ରବ୍ୟୂହ, ଜୟଦ୍ରଥ ବଧ, କିଏ ଯୋଡ଼ିଦେବ ଭଙ୍ଗା ଚୁଡ଼ିକୁ' ଏମିତି ଅନେକ ପୌରାଣିକ ବିଷୟ ଉପରେ ଆଧାରିତ ଗୀତିନାଟ୍ୟ। ଏଯାଏ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ନବରଙ୍ଗ ନୃତ୍ୟ ପରିବେଷଣ କରିସାରିଥିବାବେଳେ ଶତାଧିକ ଅନୁଷ୍ଠାନରୁ ପୁରସ୍କାର, ସମ୍ମାନ ଓ ମାନପତ୍ର ମିଳିଛି। ମାତ୍ର ଓଡ଼ିଶାର ଏହି ଭିନ୍ନ ଲୋକକଳା ନବରଙ୍ଗ ନୃତ୍ୟ ପାଇଁ ସୁପରିଚିତ ହୋଇପାରିଥିବା ପୂର୍ଣ୍ଣଚନ୍ଦ୍ର ସାହୁ ଓରଫ ଶ୍ୟାମ ସାରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଏଯାଏ କଳାକାର ଭତ୍ତାଟିଏ ମିଳିପାରିନାହିଁ ।

–ବନବିହାରୀ ବେହେରା





## ପହଁରୁନି, ଚାଲୁଛି ମାଛ

ଆମ ପୃଥିବୀ ରହସ୍ୟରେ ପରିପୂର୍ଣ୍ଣ। ସେମିତି ଏକ ରହସ୍ୟ ହେଉଛି ଏକ ମାଛ, ଯାହା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଲାଗି ଅନ୍ୟ ମାଛ ଭଳି ପହଁରି ନ ଥାଏ ବରଂ ଚାଲିଥାଏ। ଏହା ଜଳର ତଳଭାଗରେ ଚାଲିଥାଏ। ବୈଜ୍ଞାନିକମାନେ ଉକ୍ତ ମାଛର ସନ୍ଧାନ ଅଷ୍ଟ୍ରେଲିଆର ଦକ୍ଷିଣ ତଟରେ ଥିବା ତାସମାନିଆ ଦ୍ୱୀପରେ ପାଇଥିଲେ। 'ସ୍ପଟେଡ ହ୍ୟାଣ୍ଡଫିଶ୍‌' ନାମକ ଏହି ଛୋଟିଆ ମାଛ ନିଜ ଶରୀରରେ ବିକଶିତ ହୋଇଥିବା ଡେଣା ବା ପକ୍ଷ ସାହାଯ୍ୟରେ ସମୁଦ୍ରର ନିମ୍ନଭାଗରେ ଚାଲିଥାଏ, ଯାହାକି ସମୟକ୍ରମେ ପଞ୍ଝା ବା ମଣିଷ ହାତ ଭଳି ହୋଇଗଲାଣି। ଏମାନେ ବେଶ୍‌ ମନ୍ଥର ଗତିରେ ଚାଲନ୍ତି। ଏହା ସମୁଦ୍ର ମଧ୍ୟସ୍ଥ ଖୋଳଯୁକ୍ତ ଜଳଚର ପ୍ରାଣୀ, ଚିଙ୍ଗୁଡ଼ି, ପୋକ ଆଦି ଖାଇଥାଏ। ଏମାନଙ୍କର ସଂଖ୍ୟା ବହୁତ କମ୍‌।

ଚନ୍ଦନ
ସରିତା
ସୁଶିଲ
ସଙ୍ଘମିତ୍ରା




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ**

# ହାଃ ହାଃ

## ପଡ଼ିଗଲା

ରାଜେଶ ଦିଲ୍ଲୁକୁ- ଆରେ କ'ଣ ଗୋଟେ ପଡ଼ିବା ଶବ୍ଦ ହେଲା। ଦିଲ୍ଲୁ- କିଛି ନାଇଁ, ମୋ ସାର୍ଟ ପଡ଼ିଯାଇଥିଲା। ରାଜେଶ- ସାର୍ଟ ପଡ଼ିଲେ କ'ଣ ଏତେ ଜୋର୍‌ରେ ଶବ୍ଦ ହେବ? ଦିଲ୍ଲୁ- ସାର୍ଟ ଭିତରେ ପରା ମୁଁ ଥିଲି।

## କୁକୁର

ସ୍ତ୍ରୀ ସ୍ୱାମୀଙ୍କୁ- ହେଇଟି ଶୁଣୁଛ, ମୋ ପାଇଁ ଗୋଟେ କୁକୁର ଆଣିଦେବ। ସ୍ୱାମୀ-କୁକୁର କାହିଁକି ରଖିବ? ସ୍ତ୍ରୀ- ତମେ ଘରେ ନ ଥିଲାବେଳେ ତମକଥା ଭାରି ମନେପଡ଼ୁଛି। ତମେ ଯେମିତି ମୋ ଆଗରେ ପଛରେ ଗୋଡାଅ, କେହି ତ ସେମିତି ଗୋଡାଇବା ଜରୁରୀ।

## ପ୍ରେସ୍

ଜଣେ ବ୍ୟକ୍ତିଙ୍କ ଗାଡିରେ ପ୍ରେସ୍ ଲେଖାଯାଇଥାଏ। ତାହା ଦେଖି ଟ୍ରାଫିକ୍ ପୋଲିସ୍- କେଉଁ ଗଣମାଧ୍ୟମରେ କାମ କରୁଛନ୍ତି? ମୋର ଗୋଟେ କାମ ଥିଲା। ବ୍ୟକ୍ତି- ଗଣମାଧ୍ୟମ କ'ଣ? ମୁଁ ପରା ଧୋବା। କପଡା ସଫା କରି ମୁଁ ତାକୁ ପ୍ରେସ୍ କରେ। ସେଥିପାଇଁ ପ୍ରେସ୍ ଲେଖିଛି। କି କାମ ଅଛି କହୁ ନାହାନ୍ତି?

# ହୋଲିରେ ଭ୍ରମଣ

ରଙ୍ଗର ପର୍ବ ହୋଲି। କେଉଁଠି କେବଳ ଅବିର ଖେଳି ଲୋକେ ଏହି ଉତ୍ସବକୁ ପାଳନ କରିଥାନ୍ତି ତ ଆଉ କେଉଁଠି ନାଚଗୀତ, ମଉଜ ମଜ୍‌ଲିସ୍‌ରେ ଏହି ଦିନଟି କଟିଯାଏ। ସେହିପରି ଆଉ କେଉଁଠି ବେଶ୍ ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରାଯାଉଥିବା ଦେଖିବାକୁ ମିଳେ। ଏଠାରେ ସେମିତି କିଛି ଖାସ୍ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାରେ ହୋଲିର କିଛି ଭିନ୍ନ ଛାପ ଦେଖିବାକୁ ମିଳିଥାଏ...



### ମଥୁରା ଓ ବୃନ୍ଦାବନ: ପାରମ୍ପରିକ ହୋଲି

ମଥୁରା ଓ ବୃନ୍ଦାବନରେ ହୋଲିକୁ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ଏହି ଅବସରରେ ଏଠାରେ ଫଗୁ ଖେଳଠାରୁ ଆରମ୍ଭ କରି ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ ଏବଂ ନଗର ପରିକ୍ରମା ଅନୁଷ୍ଠିତ ହୋଇଥାଏ। ସେହିପରି ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାର କରି ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ନାଟକ ଏଠାକାର ଅନ୍ୟତମ ଆକର୍ଷଣ।

### ବରସାନା: ଲଠ୍‌ମାର୍ ହୋଲି

ଉତ୍ତରପ୍ରଦେଶର ମଥୁରା ନିକଟରେ ବରସାନା(ରାଧାରାଣୀଙ୍କ ଜନ୍ମସ୍ଥାନ) ନାମରେ ଏକ ସ୍ଥାନ ଅଛି, ଯେଉଁଠି ହୋଲିପର୍ବକୁ ଖୁବ୍ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ସୂଚନାନୁଯାୟୀ, ପ୍ରତିବର୍ଷ ହୋଲି ଅବସରରେ ନନ୍ଦଗାଁଉରୁ କିଛି ଗୋପ ଯୁବକ ବରସାନା ଗାଁର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଯାଇଥାନ୍ତି। କିନ୍ତୁ ସେଠି ପହଞ୍ଚିଲା ପରେ ଗୋପୀମାନେ ହାତରେ ବାଡି ଧରି ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥାନ୍ତି। ହେଲେ ଗୋପ ଯୁବକମାନେ ବିଭିନ୍ନ ପ୍ରକାର ଗୀତ ଗାଇ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥାନ୍ତି। କିନ୍ତୁ ସେଥିରେ ବି ଗୋପୀମାନଙ୍କର ରାଗ ଶାନ୍ତ ହୁଏ ନାହିଁ। ସେମାନେ ସମସ୍ତେ ଏକତ୍ର ହୋଇ ଗୋପ ଯୁବକଙ୍କୁ ପିଟିବା ପାଇଁ ବାଡି ଧରି ମାଡିଆସନ୍ତି। ତା'ପରେ ଯୁବକମାନେ ଢାଲ ଧରି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି, ଯାହା ଦେଖିବା ପାଇଁ ଖୁବ୍ କୌତୁକିଆ ଲାଗିଥାଏ। ଏହି ଖେଳକୁ ସ୍ଥାନୀୟ ଲୋକେ ଲଠ୍‌ମାର୍ ହୋଲି କହିଥାନ୍ତି। ଏଥିରେ କୌଣସି ପ୍ରକାରର ରାଗ, ହିଂସା ନ ଥାଏ ବରଂ ଏହା ସେଠାକାର ଏକ ପରମ୍ପରା ଭାବେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଆଉ ଯାହାକୁ ଦେଖିବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକ ଧାଇଁ ଆସୁଛନ୍ତି।

### ଶାନ୍ତିନିକେତନ: ସାଂସ୍କୃତିକ ହୋଲି

ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ସୂଚନାନୁଯାୟୀ, ଲୋକପ୍ରିୟ କବି ରବୀନ୍ଦ୍ରନାଥ ଟାଗୋର ଶାନ୍ତିନିକେତନରେ ଏହି ଉତ୍ସବ ପ୍ରଥମେ ଆରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଉତ୍ସବ ଏଠାରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ହୋଲି ଖେଳ ସାଙ୍ଗକୁ ଗୀତ ଓ ନାଚର ଆସର ଏଠାକାର ପରିବେଶକୁ ବେଶ୍ ରଙ୍ଗିନ୍ କରିଦିଏ।





### ପୁରୁଲିଆ: ସାଂସ୍କୃତିକ ହୋଲି

ପଶ୍ଚିମବଙ୍ଗସ୍ଥିତ ପୁରୁଲିଆର ସାଂସ୍କୃତିକ ଐତିହ୍ୟ ବି ଖୁବ୍ ସମୃଦ୍ଧ। ଏଠାରେ ପାଳିତ ହେଉଥିବା ପ୍ରତିଟି ପର୍ବ ସମୟରେ ପାରମ୍ପରିକ ନୃତ୍ୟକଳା ପରିବେଷଣ କରିବା ଏଠାକାର ଏକ ସ୍ୱତନ୍ତ୍ରତା। ଖାସ୍ କରି ହୋଲି ସମୟରେ ସ୍ଥାନୀୟ ବାସିନ୍ଦା ରଙ୍ଗବେରଙ୍ଗର ଅବିର ସାଥେ ହୋଲି ଖେଳିବା ସହିତ ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରିବାକୁ ବେଶ୍ ଉତ୍ସାହିତ ଥା'ନ୍ତି। ରଙ୍ଗ ଖେଳିବା ସହିତ ପାରମ୍ପରିକ ଲୋକକଳାକୁ ନିକଟରୁ ଦେଖିବା ଓ ଜାଣିବାର ସୁଯୋଗ ଥିବାରୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ପୁରୁଲିଆ ଆସିବାକୁ ଇଚ୍ଛା କରିଥା'ନ୍ତି।

### ଉଦୟପୁର: ରୟାଲ୍ ହୋଲି

ରାଜସ୍ଥାନର ଉଦୟପୁରରେ ହୋଲି ଅବସରରେ ହୋଲିକା ଦହନ ପାଳନ କରାଯାଇଥାଏ। ଏହାକୁ ମୁଖ୍ୟତଃ ମେୱାଡ୍ ରାଜ ପରିବାରର ବଂଶଧରମାନେ ପାଳନ କରିଥାନ୍ତି। ହୋଲିକା ଦହନ ପାଇଁ ଯିବା ପୂର୍ବରୁ ରାଜ ପରିବାରର ପ୍ରତ୍ୟେକ ସଦସ୍ୟ ପାରମ୍ପରିକ ପୋଷାକ ପିନ୍ଧିଥାନ୍ତି। ସେମାନଙ୍କ ସହିତ ସୁସଜ୍ଜିତ ଘୋଡା ଏବଂ ରୟାଲ୍ ବ୍ୟାଣ୍ଡ ମଧ୍ୟ ଶୋଭାଯାତ୍ରାରେ ଯାଇଥାଏ।

### ଦିଲ୍ଲୀ: ମ୍ୟୁଜିକାଲ୍ ହୋଲି

ଦିଲ୍ଲୀରେ ବେଶ୍ ଆନନ୍ଦ ଉଲ୍ଲାସରେ ହୋଲି ପାଳନ କରାଯାଇଥାଏ। ଏଠାକାର ଅଧିକାଂଶ ସ୍ଥାନରେ ମ୍ୟୁଜିକାଲ୍ ହୋଲିର ଆୟୋଜନ ହୋଇଥାଏ। ଯେଉଁଠାରେ ପର୍ଯ୍ୟଟକ ଫଗୁ, ଅବିର ସାଥେ ଖେଳିବା ସହ ବିଭିନ୍ନ ପ୍ରକାରର ଥଣ୍ଡା ପାନୀୟ ପିଇବେ ଓ ତା'ସାଙ୍ଗକୁ ମ୍ୟୁଜିକ୍‌ର ତାଳେତାଳେ ନାଚ କରିପାରିବେ।





# ସୁଆଦିଆ ହେଲେ ଭାରି ଦୁର୍ଗନ୍ଧ

ଏହା ଏକ ଫଳ। ଆଉ ବାହାରୁ ଦେଖିବାକୁ ପଣସ ପରି। ଏହାର ନାଁ ହେଉଛି 'ଡୁରିଆନ୍'। ତେବେ ଏହାକୁ ଖାଉଥିବା ଲୋକ କହନ୍ତି, ସତେଯେମିତି ଗନ୍ଧିଆ ନାଳ ଓ ଦୁର୍ଗନ୍ଧଭରା ମୋଜା ସାଙ୍ଗରେ କୌଣସି ମିଠା ଖାଉଛନ୍ତି। ଅର୍ଥାତ୍ ଏହି ଫଳର ସ୍ୱାଦ ଖୁବ୍ ଭଲ କିନ୍ତୁ ଏହା ବେଶ୍ ଦୁର୍ଗନ୍ଧଭରା। ଉକ୍ତ ଫଳକୁ ତ ପୃଥିବୀର ସବୁଠାରୁ ଦୁର୍ଗନ୍ଧମୟ ଫଳ ବୋଲି କୁହାଯାଏ। ହେଲେ ଏହାକୁ ଦକ୍ଷିଣ ଏସିଆରେ ଫଳର ରାଜା ବୋଲି ବି କୁହାଯାଏ। ସିଙ୍ଗାପୁରରେ ଏହାକୁ ଅଫିସିଆଲ ଫ୍ରୁଟ୍‌ଭାବେ ଧରାଯାଏ। ଏହାର ଦାମ୍ ବି ବହୁତ ଅଧିକ। ନିକଟରେ ଇଣ୍ଡୋନେସିଆରେ ଏହା ୭୧ ହଜାର ଟଙ୍କାରେ ବିକ୍ରି ହୋଇଛି। ପ୍ରତିବର୍ଷ ଏହା ୩୫୦୦୦ ଟଙ୍କାରୁ ଅଧିକରେ ବିକ୍ରି ହୋଇଥାଏ। ଏହି ଫଳ ଦୁର୍ଗନ୍ଧଭରା ହୋଇଥିବାରୁ ବିକ୍ରି କଲାବେଳେ ଏହାକୁ ଅଲଗା କାଚ ବାକ୍ସ ଭିତରେ ସାଟିନ୍ କପଡା ଉପରେ ରଖାଯାଇଥାଏ। ଦୁର୍ଗନ୍ଧ ଯୋଗୁ ଥାଇଲାଣ୍ଡ, ଜାପାନ ଓ ହଂକଂରେ ପବ୍ଲିକ୍ ଟ୍ରାନ୍ସପୋର୍ଟରେ ବି ଏହାକୁ ନେବା ନିଷେଧ ହୋଇଛି। କିନ୍ତୁ ଏହି ଫଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହାକୁ ଖାଇଲେ ମାଂସପେଶୀ ଶକ୍ତ ହୁଏ, ଚର୍ମ ସୁସ୍ଥ ରହେ, ରକ୍ତଚାପ କମାଏ।







## କାର୍ଟୁନ କର୍ନର



# ଆସନ୍ତା ସିଜନ୍‌ରେ ସିକ୍ସ ପ୍ୟାକ୍

ଓଡ଼ିଆ ଯାତ୍ରା ଜଗତରେ ନିରାକାର ଧଳଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ସେ ମୁଖ୍ୟତଃ ନାଟକୀୟତାରେ ଭରପୂର ଥିବା ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରିଥାନ୍ତି। ତେବେ ସବୁ ପ୍ରକାର ଚରିତ୍ରରେ ସେ ନିଜକୁ ଫିଟ୍ କରି ପାରନ୍ତି। ଭଦ୍ରକ ଜିଲାର ବାସୁଦେବପୁର ଅନ୍ତର୍ଗତ ନନ୍ଦପୁର ଗ୍ରାମର ନିରାକାର ଧଳଙ୍କର ପିଲାଟି ବେଳରୁ ଅଭିନୟ ପ୍ରତି ରୁଚି ରହିଥିଲା। ଗାଁ ଡ୍ରାମା ତଥା ସ୍କୁଲ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରି ସେ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ବାଣିଜ୍ୟ ନେଇ ପାଠ ପଢୁଥିଲେ ସେ। ସ୍ନାତକ ଶେଷ ହେବା ପରେ ଚାକିରି କରିବାକୁ ଇଚ୍ଛା ଥିଲା। ହେଲେ ଅଭିନୟର ମାୟା ତାଙ୍କୁ ଅନ୍ୟମନସ୍କ କରୁଥିଲା। ସେଥିଲାଗି ସେ ଚାକିରିର ମୋହ ତୁଟେଇ ଯାତ୍ରା ଜଗତରେ ପାଦ ଥାପିଲେ। ୨୦୦୯ରେ ଯୋଗଦେଲେ 'ଯାତ୍ରା ତ୍ରିରଙ୍ଗା'ରେ। ପ୍ରଥମ ନାଟକ ଥିଲା 'ନବମ ଶ୍ରେଣୀ ଝିଅ'। ଏଥିରେ ତାଙ୍କୁ ଏକ ସାନଭାଇର ଭୂମିକା ମିଳିଥିଲା; ଯାହା ତାଙ୍କର ଖୁବ୍ ମନଲାଖି ଥିଲା ବୋଲି କହନ୍ତି ନିରାକାର। ଏହି ଚରିତ୍ରଟିକୁ ମଧ୍ୟ ବେଶ୍ ପସନ୍ଦ କରିଥିଲେ ଦର୍ଶକ। ଫଳରେ ସେ ଆଉ ଫେରି ପାରିଲେନି ଯାତ୍ରାରୁ। 'ଯାତ୍ରା ତ୍ରିରଙ୍ଗା', 'କ୍ଲାସିକ୍ ଗଣନାଟ୍ୟ', 'ପାର୍ବତୀ ଗଣନାଟ୍ୟ', 'ରଙ୍ଗମହଲ', 'ଇନ୍ଦ୍ରଭୁବନ' ଆଦି ଗଣନାଟ୍ୟରେ ଅଭିନୟ କଲେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ତୋ ଚାରିଖୁରାକୁ ଜୁହାର', 'ଖରାପ ଝିଅର ଗପ', 'ସାର୍ଟ ହଜିଛି ସନାଦାସର', 'ସୁନା ହରିଣୀ', 'ବାହା ହେଇଛ ନା ବାଡୁଅ ଅଛ', 'ଅଧେ ତୋର ଅଧେ ମୋର' ଏବଂ ଆହୁରି ଅନେକ। 'ତୋ ଚାରିଖୁରାକୁ ଜୁହାର', 'ସାର୍ଟ ହଜିଛି ସନାଦାସର' ଆଦି ତାଙ୍କର ମନଲାଖି ନାଟକ। ଜଣେ ଯାତ୍ରା କଳାକାର ଭାବରେ ଯାତ୍ରାକୁ ଖୁବ୍ ଭଲପାଆନ୍ତି ନିରାକାର। ଅଭିନୟ ତାଙ୍କର ପ୍ରଥମ ପସନ୍ଦ। ଜଣେ ଭଲ କଳାକାର ହେବା ଜୀବନର ଲକ୍ଷ୍ୟ। ସବୁବେଳେ ନିଜକୁ ନୂଆଢଙ୍ଗରେ ଆଉ ନୂଆ ଅନ୍ଦାଜରେ ଦର୍ଶକଙ୍କ ସାମ୍ନାରେ ପ୍ରଦର୍ଶୀତ କରୁଥିବା ନିରାକାର ଆସନ୍ତା ୧୯/୨୦ ଯାତ୍ରା ସିଜନ୍‌ରେ 'ସିକ୍ସ ପ୍ୟାକ୍'ରେ ଦର୍ଶକଙ୍କ ସାମ୍ନାକୁ ଆସିବେ ବୋଲି ଯୋଜନା କରିଛନ୍ତି। ଆଉ ସେଥିଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ମଧ୍ୟ।

**ସ୍ନାତକ ଶେଷ ହେବା ପରେ ନିରାକାରଙ୍କର ଚାକିରି କରିବାକୁ ଇଚ୍ଛା ଥିଲା। ହେଲେ ଅଭିନୟର ମାୟା ତାଙ୍କୁ ଅନ୍ୟମନସ୍କ କରୁଥିଲା। ଚାକିରିର ମୋହ ତୁଟେଇ ଯାତ୍ରା ଜଗତରେ ପାଦ ଥାପିଲେ...**



ନିରାକାର

# ଯାତ୍ରାକୁ ଆଣିଲା ପ୍ରେମ



ଶୁଭଶ୍ରୀ

ଶୁଭଶ୍ରୀ ପରିଡ଼ା। ସଂକ୍ଷେପରେ ଶୁଭଶ୍ରୀ। ଶୁଭଶ୍ରୀଙ୍କର ଯାତ୍ରାକୁ ଆସିବାର ନଥିଲା। ଯଦିଓ କଳାପ୍ରତି ପିଲାଟି ବେଳରୁ ରୁଚି ଥିଲା। ସେ ଗୀତ ଗାଉଥିଲେ। ମେଲୋଡ଼ି ପ୍ରୋଗ୍ରାମ କରୁଥିଲେ। ଯାତ୍ରା ଦେଖୁଥିଲେ। ଯାତ୍ରାକୁ ଭଲ ପାଉଥିଲେ। ତେବେ ସେ ଯେ ଯାତ୍ରାକୁ ଆସିବେ ସେକଥା ଭାବି ନଥିଲେ। ତେବେ ଅନିଲବାବୁଙ୍କ ସହ ଦେଖା ହେବା ପରେ ସବୁକିଛି ଓଲଟ ପାଲଟ ହେଇଗଲା। ଅନିଲ କୁମାର ଥିଲେ ଯାତ୍ରା ଜଗତର ଜଣେ ସ୍ୱନାମଧନ୍ୟ ଉପସ୍ଥାପକ ଓ ଗାୟକ। ଅନିଲବାବୁଙ୍କ ସହିତ ଶୁଭଶ୍ରୀଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠେ। ଶୁଭଶ୍ରୀ ଯେତେବେଳେ ଜାଣନ୍ତି ଯେ, ଅନିଲଙ୍କୁ ଛାଡ଼ି ଜୀବନ ଅତିବାହିତ କରିବା ସମ୍ଭବ ନୁହେଁ ସେତେବେଳେ ସେ ଚାଲିଆସନ୍ତି ଯାତ୍ରାକୁ। ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ଅନିଲବାବୁଙ୍କ ପ୍ରେରଣାରୁ ଶୁଭଶ୍ରୀ ପାଲଟନ୍ତି ଜଣେ ଉପସ୍ଥାପିକା ଓ ଗାୟିକା। ଇତିମଧ୍ୟରେ ଯାତ୍ରାରେ ୬ବର୍ଷ ଅତିକ୍ରାନ୍ତ କରି ସାରିଲେଣି ଶୁଭଶ୍ରୀ। 'ରଙ୍ଗମହଲ', 'ବାଣେଶ୍ୱରୀ' ଆଦି ଯାତ୍ରାପାର୍ଟିରେ ନିଜର ପ୍ରତିଭା ପ୍ରଦର୍ଶିତ କରି ସେ ଏବେ ଆସି ପହଞ୍ଚିଛନ୍ତି ଗୌରୀ ଗଣନାଟ୍ୟରେ। ପ୍ରଥମେ ଗାୟିକା ଭାବରେ ଯାତ୍ରାକୁ ଆସିଥିବା ଶୁଭଶ୍ରୀ କେବଳ ସେଇ ପରିଚୟରେ ନିଜକୁ ସୀମିତ ରଖି ନାହାନ୍ତି। ସେ ଏକାଧାରରେ ଜଣେ ଗାୟିକା, ଉପସ୍ଥାପିକା ଏବଂ ଅଭିନେତ୍ରୀ। ପାର୍ଶ୍ୱ ନାୟିକା ଭାବରେ ଉଭୟ ନେଗେଟିଭ୍ ଏବଂ ପଜିଟିଭ୍ ଭୂମିକାରେ ତାଙ୍କର ଅଭିନୟ ବେଶ୍ ଚମତ୍କାର। 'ସିନ୍ଦୂର ମୋର ସ୍ୱାମୀ ତୋର', 'କାନ୍ଦିବାକୁ କିଏ ମନା କରୁଛି', 'କଳାପାଣିର କଳାବତୀ', 'ଗୌରୀନାନୀର ନୂଆ ଠିକଣା', 'ବ୍ରହ୍ମଅସ୍ତ୍ର', 'ବାଘ ବୁଲୁଛି ରାଜଧାନୀରେ', 'ଏତେ ସରି ତତେ କିଏ କଲା' ଆଦି ସେ ଅଭିନୟ କରିଥିବା ଗୋଟିଏ ଗୋଟିଏ ଲୋକପ୍ରିୟ ନାଟକ।

ସ୍ୱାମୀଙ୍କ ପ୍ରେରଣା, ଶାଶୁ ଶ୍ୱଶୁର ତଥା ଦେଢ଼ଶୂରଙ୍କ ସହଯୋଗ ଏବଂ ସର୍ବୋପରି ଦର୍ଶକଙ୍କ ଭଲପାଇବା ତାଙ୍କୁ ଆଗକୁ ବାଟ କଢ଼େଇ ନଉଛି ବୋଲି କହନ୍ତି ଶୁଭଶ୍ରୀ। ତେବେ ତାଙ୍କର ଗୋଟିଏ ଇଚ୍ଛା ଏବେ ବି ଅପୂରଣୀୟ ରହିଛି। ତାଙ୍କର ଇଚ୍ଛା ସେ କେବେ ନା କେବେ ମୁଖ୍ୟ ନାୟିକା ଭାବରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଈଶ୍ୱରଙ୍କ କୃପା ହେଲେ ତାଙ୍କର ଏହି ସ୍ୱପ୍ନ ନିଶ୍ଚୟ ପୂର୍ଣ୍ଣ ହେବ ବୋଲି କହନ୍ତି ଶୁଭଶ୍ରୀ।

# ଇରା ତ୍ରିବେଦୀଙ୍କ ଇଣ୍ଡିଆ ଇନ୍ ଲଭ୍

ଇଣ୍ଡିଆ ଇନ୍ ଲଭ୍ ବା ପ୍ରେମରେ ଭାରତ। ବାସ୍ତବରେ ଏହା ହେଉଛି ଇରା ତ୍ରିବେଦୀଙ୍କ ଦ୍ୱାରା ରଚିତ ପୁସ୍ତକ; ଯେଉଁଥିରେ ବିବାହ ଏବଂ ଦୈହିକ ସମ୍ପର୍କକୁ ନେଇ ଭାରତରେ ବଳବତ୍ତର ଥିବା ସାମାଜିକତା, ମାନସିକତା ଏବଂ ଆଚାର ବିଚାର ଚଳଣୀ ଉପରେ ଇରା ତୀବ୍ର କଟାକ୍ଷପାତ କରିଛନ୍ତି। ଏକବିଂଶ ଶତାବ୍ଦୀରେ କିଭଳି ଭାରତୀୟମାନଙ୍କର ମାନସିକତାରେ ପରିବର୍ତ୍ତନ ଘଟୁଛି ଆଉ ତାହା ବିଶେଷକରି ବୈବାହିକ ଜୀବନକୁ ପ୍ରଭାବିତ କରୁଛି ସେସବୁକୁ ନେଇ ବିଶ୍ଳେଷଣ କରାଯାଇଛି ଏହି ପୁସ୍ତକରେ। ଏହି ପୁସ୍ତକରେ ରହିଛି ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକଙ୍କର ସାକ୍ଷାତ୍‌କାର। ତାଙ୍କର ଅନ୍ୟଏକ ପୁସ୍ତକ ହେଉଛି 'ହ୍ୱାଟ୍ ଉଡ୍ ୟୁ ଡୁ ଟୁ ସେଭ୍ ଦି ୱାର୍ଲଡ୍'। ଜଣେ ସୁଦର୍ଶନା, ଶିକ୍ଷିତା ଯୁବତୀର କାହାଣୀକୁ ନେଇ ରଚିତ ହୋଇଛି ଏହି ପୁସ୍ତକ, ଯିଏ ପିଲାଟି ବେଳୁ ମିସ୍ ଇଣ୍ଡିଆ ହେବାର ସ୍ୱପ୍ନ ଦେଖୁଛି। ସୁନ୍ଦରୀ ପ୍ରତିଯୋଗିତାକୁ ନେଇ ରହିଥିବା ଟିକିନିଖି ତଥ୍ୟ ସହିତ କିପରି ଜଣେ ନିଜର ସୁନ୍ଦରୀ ହେବାର ଉଚ୍ଚାଭିଳାସକୁ ଚରିତାର୍ଥ କରିବା ଲାଗି ଉଦ୍ୟମ କରୁଛି ତାହା ଏଥିରେ ବର୍ଣ୍ଣିତ ହୋଇଛି। କାହାଣୀ ଆକାରରେ ଲେଖାଯାଇଥିଲେ ମଧ୍ୟ ଏହା ସତ୍ୟ ଭଳି ଲାଗେ।

**ଏକବିଂଶ ଶତାବ୍ଦୀରେ କିଭଳି ଭାରତୀୟମାନଙ୍କର ମାନସିକତାରେ ପରିବର୍ତ୍ତନ ଘଟୁଛି ଆଉ ତାହା ବିଶେଷକରି ବୈବାହିକ ଜୀବନକୁ ପ୍ରଭାବିତ କରୁଛି ସେସବୁକୁ ନେଇ ବିଶ୍ଳେଷଣ କରାଯାଇଛି ଏହି ପୁସ୍ତକରେ...**



ବ୍ୟାକ୍ ପେଜ୍





# ଚାକିରି ଛାଡ଼ି, ସବୁକିଛି ବିକି ହେଲେ ବନ୍ୟଜନ୍ତୁଙ୍କ ସାଥୀ





ଅନେକଥର ଶୁଣିଥିବେ କିଛି ଲୋକ ନିଜ ପ୍ୟାଶନ ଓ ସ୍ୱପ୍ନକୁ ପୂରଣ କରିବା ପାଇଁ ଭଲ ଚାକିରି, ଘରଦ୍ୱାର ଛାଡିଦିଅନ୍ତି। ହେଲେ ସୁଇଜରଲାଣ୍ଡର ଜଣେ ବ୍ୟକ୍ତି ଆହତ ହୋଇଥିବା ହିଂସ୍ର ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ନିଜର ସମ୍ମାନଜନକ ଚାକିରି ଛାଡିଦେଲେ, ଏମିତିକି ନିଜର ସବୁ ଧନସମ୍ପତ୍ତି ବିକ୍ରି କରିଦେଲେ। ଆଉ ଚାଲିଗଲେ ଦକ୍ଷିଣ ଆଫ୍ରିକା। ସେ ହେଉଛନ୍ତି ୨୬ ବର୍ଷୀୟ ଡିନ୍ ସିଣ୍ଡର। ଦକ୍ଷିଣ ଆଫ୍ରିକାରେ ସେ କରିଛନ୍ତି ଏକ ଅଭୟାରଣ୍ୟ, ଯାହାର ନାଁ 'ହକୁନା ମିକାପ୍ କ୍ଲବ୍'(ନୋ ଲିମିଟ୍ସ)। ଏହାମଧ୍ୟରେ ସିଂହ, ଜେବ୍ରା, ହେଟାବାଘ, ବବୁନ୍ ଆଦି ପ୍ରାଣୀ ବେଶ୍ ଆରାମ୍‌ରେ ରହୁଛନ୍ତି। କ୍ଷତାକ୍ତ ତଥା ଆହତ ହୋଇଥିବା ପ୍ରାଣୀଙ୍କୁ ସେ ଆଣି ଏଠାରେ ରଖି ସେମାନଙ୍କୁ ଚିକିତ୍ସା କରନ୍ତି। ଡିନ୍ ବନ୍ୟଜନ୍ତୁଙ୍କ ମନକଥା ବେଶ୍ ବୁଝନ୍ତି। ଏମିତିକି ସିଂହମାନେ ତାଙ୍କର ବନ୍ଧୁ ପାଲଟି ଯାଇଛନ୍ତି। ସିଂହଙ୍କ ସହ ତାଙ୍କ ସମ୍ପର୍କ ଦେଖି କେହି କେହି ତାଙ୍କୁ 'ଲାୟନ୍ ହ୍ୱିସ୍ପରର୍' ବୋଲି ବି କହନ୍ତି। ସେ କହନ୍ତି, 'ଆମେ ତାକୁ ସୁରକ୍ଷା ଦେଉ, ଯାହାକୁ ଆମେ ଭଲ ପାଉ। ତେଣୁ ସାଧାରଣ ଲୋକଙ୍କ ମନରେ ହିଂସ୍ର ଜୀବଜନ୍ତୁଙ୍କ ପ୍ରତି ଭଲପାଇବା ବଢାଇବାକୁ ସବୁବେଳେ ଚେଷ୍ଟା କରିଆସୁଛି। ଆଉ ହିଂସ୍ର ପ୍ରାଣୀଙ୍କ ସହ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଅପଲୋଡ କରୁଛି।' ବର୍ତ୍ତମାନ ତାଙ୍କର ଇନ୍‌ଷ୍ଟାଗ୍ରାମରେ ୫୭୬ ହଜାର ଫଲୋୟର୍ ଅଛନ୍ତି।

# ସମାନ୍ତରାଳ ବିଲ୍ଡିଂ





ଚାଇନା ସବୁବେଳେ ନୂଆ ନୂଆ ପ୍ରୟୋଗ କରି ସାରା ଦୁନିଆରେ ଛାଇ ରହିଥାଏ। ଏବେ ସେ ପୁଣିଥରେ ଦେଖାଇଛି ଇଞ୍ଜିନିୟରିଂର ଏକ ଚମତ୍କାର ନମୁନା। ତାହା ହେଉଛି ଏକ ବିରାଟ ଅଟ୍ଟାଳିକା। ଏହି ଅଟ୍ଟାଳିକାର ଖାସ୍ କଥା ହେଉଛି ଏହା ସବୁ ଅଟ୍ଟାଳିକା ପରି ଭୂ-ଲମ୍ବଭାବେ ଠିଆ ହୋଇ ନାହିଁ। ବରଂ ତାହା ତିଆରି ହୋଇଛି ଭୂମି ସହ ସମାନ୍ତରାଳଭାବେ। ସେପୁଣି ୬ଟି ୬୦ ମହଲାବିଶିଷ୍ଟ ସୁଉଚ୍ଚ ଅଟ୍ଟାଳିକା ଉପରେ ୮୨୦ ଫୁଟ୍ ଉଚ୍ଚତାରେ। ଚାଇନାର ଏହି ପ୍ରୋଜେକ୍ଟର ନାମ ହେଉଛି 'ଚୋଙ୍ଗ୍‌କିଙ୍ଗ୍'। ଏହି ଅଟ୍ଟାଳିକ ୯୮୪ ଫୁଟ୍ ଲମ୍ବ । ୧୭୦ଟି ଫୁଟବଲ୍ ଫିଲ୍ଡ ଜାଗାରେ ଏହାକୁ ତିଆରି କରାଯାଇଛି। ଏଥିରେ ଏକ ଲକଜ୍ୟୁରି ହୋଟେଲ ଏବଂ ୧.୬୦ ଲକ୍ଷ ବର୍ଗ ମିଟରର ବଡ଼ ଅଫିସ୍ ରହିବ। ଏହାର ଛାତ ଉପରେ ଦୁଇଟି ସୁଇମିଂ ପୁଲ୍ ବି ହେବ। ଏହାର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରି ନାହିଁ। ଅଟ୍ଟାଳିକାର ଡିଜାଇନ୍ ଚାଇନାର ପାରମ୍ପରିକ ଡଙ୍ଗା ପରି ହୋଇଛି। ଏହାର ଉପରଭାଗରୁ ୟାଙ୍ଗଜୀ ଓ ଜିୟଲିଙ୍ଗ ନଦୀର ସଙ୍ଗମ ଦେଖାଯିବ। ଅଟ୍ଟାଳିକାର ନାମ 'କ୍ରିଷ୍ଟାଲ' ରଖାଯାଇଛି। ଶୋଇ ହୋଇ ରହିଥିବା ଏହି ବହୁମହଲା ବିଶିଷ୍ଟ ଅଟ୍ଟାଳିକାର ଡିଜାଇନ୍ କରିଛନ୍ତି କାନାଡୀୟ-ଇସ୍ରାଏଲ ଆର୍କିଟେକ୍ଟ ମୋସେ ସାଫଦାଇ, ଯେକି ସିଙ୍ଗାପୁରର ମରିନା ବେ ସ୍ୟାଣ୍ଡସ୍ ତିଆରି କରିଛନ୍ତି। ଏସିଆର ସବୁଠୁ ବଡ଼ ରିୟଲ ଇଷ୍ଟେଟ୍ କମ୍ପାନୀ ମଧ୍ୟରୁ ଗୋଟିଏ 'କ୍ୟାପିଟାଲ୍ୟାଣ୍ଡ' ଏହାର ନିର୍ମାଣ କରୁଛି। ଏହାକୁ ତିଆରି କରିବା ପାଇଁ ୬ ବର୍ଷ ସମୟ ଲାଗିଗଲାଣି। ଏଯାବତ ୨୭ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି।